ମାସିକ ଇ-ପତ୍ରିକା

# ଆମ କବିତା

ଦ୍ୱିତୀୟ ବର୍ଷ

ଦ୍ୱିତୀୟ ସଂଖ୍ୟା

ଫେବୃୟାରୀ ୨୦୨୩



# ଆମ କବିତା


**ମାର୍ଗଦର୍ଶକ**

**ଡ. ପ୍ରମୋଦ ଚନ୍ଦ୍ର ଦାଶ**

**ସମ୍ପାଦକ**

**ନିଶିକାନ୍ତ କହଲସିଂହ**

**ଉପଦେଷ୍ଟା ମଣ୍ଡଳୀ**

ସମରଜିତ ପଟ୍ଟନାୟକ

ବାବାଜୀ ଜେନା

ବିଭୁପ୍ରସାଦ ହରିଚନ୍ଦନ

ଡ. ରଶ୍ମୀରଞ୍ଜନ ନାଥ

**ସହଯୋଗୀ ସମ୍ପାଦକ ମଣ୍ଡଳୀ**

ତ୍ରିଲୋଚନ ଦାସ

ରଶ୍ମିତା ନାୟକ

ବାସନ୍ତୀ ଦେଈ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**

ରାଜୀବ ରଥ

ପ୍ରୀତମ ବଳିୟାରସିଂହ

ଆମରି ସତ୍ୟ

ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ, ପୋଷ୍ଟ : ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡିଶା

ଯୋଗାଯୋଗ : ୯୪୩୭୨୮୧୭୫୫, **email : amarisatya@gmail.com**

# ସମ୍ପାଦକୀୟ



ହୋଇଥାଉ କାଳୀ କୋତରୀ
ଲକ୍ଷେ ସୌନ୍ଦର୍ଯ୍ୟର ଗନ୍ତାଘର ସେ......
ହୋଇଥାଉ ଅପାଠୋଇ-
ଶ୍ରୀଅକ୍ଷର ବିବର୍ଜିତା.......
ସକଳ ବିଦ୍ୟା କିନ୍ତୁ ଢେଉଟୋଳେ
ତା'ରି ଚରଣ ତଳେ...........।

କଣ୍ଠ କର୍କଶ ହୋଇଥାଉ ପଛେ
ତା' ନାନାବାୟା ଗୀତ ଶୁଣିଲେ
ଲାଜେଇ ଯାଏ କୋଇଲି........,
ଖଟା ହୋଇଯାଇଥାଉ
ତା' ହାତବଢା ବାସି ପଖାଳ,
ଶାଗ କି ତିଅଣ ହୋଇଥାଉ
ଲୁଣିଆ କି ଅଲଣା......
ତା'ର ମଧୁରତା ଆଗରେ
ପାଣିଚିଆ ଲାଗେ ଅମୃତ ମଣୋହି .....।

ତା' ଛିଣ୍ଡା, ଫଟା, ସାତସିଆଁ ପଣତ ତଳେ
ସାରା ସଂସାର ଖୋଜେ
ମମତାର ଶୀତଳ କୋମଳ ଛୁଆଁ.......
ସେ ଦୀପଟିଏ ଜାଳିଦେଲେ
ଜଳିଯାଏ ସନ୍ତାନ ଜୀବନର
ସକଳ ଦୁଃଖ.....ସକଳ ଯାତନା......।

ସେ ଏକା ଶୁଣାଏ
ଅସଲ ଜୀବନର କବିତା......
ମିଠା କଥା ପଦେ କହିଦେଲେ କବିତା.........
ରାଗରେ ଗାଳିଦେଲେ କବିତା........
ତା' ଚାଲିରେ କବିତା........
ତା' ବୋଲିରେ କବିତା..........
କବିତାର ଗନ୍ତାଘର ବୋଉ......
ମମତାର ଅମୃତ ଝର ବୋଉ......
ବୋଉ......ସକଳ ସ୍ୱପ୍ନର ବର୍ଣ୍ଣବିଭା.........
ବୋଉ......ସକଳ ସୃଜନର ସାଦ୍ୟପ୍ରଭା.........।

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | ବୋଉଲୋ...... | ରମେଶ ମଙ୍ଗରାଜ | ୭ |
| ୨. | ଜୀବନ୍ତ ପ୍ରତିମା | ଆଶୁତୋଷ ମେହେର | ୮ |
| ୩. | ବୋଉ.... | ସୁନୀଲ ନାୟକ | ୯ |
| ୪. | ମୋ' ମାଆ | ଦିବାକର ନାୟକ | ୧୦ |
| ୫ | ମାଆ.... | ତପନ ଦୀକ୍ଷିତ(ବେଳାଭୂମି) | ୧୧ |
| ୬. | ବୋଉଟି ମୋର କେଡ଼େ ନିଜର | ତାରାପ୍ରସାଦ ଜେନା | ୧୨ |
| ୭. | ମା' ସେ ମମତାମୟୀ | ଜୟଶ୍ରୀ ପଟ୍ଟନାୟକ | ୧୩ |
| ୮. | ମୋ' ବୋଉ | ସତ୍ୟବାଦୀ ରାଉତ | ୧୪ |
| ୯. | ମାଆ | ଜୟନ୍ତୀ ସ୍ୱାଇଁ | ୧୫ |
| ୧୦. | ମାଆ | ନିରଞ୍ଜନ ସାହୁ | ୧୬ |
| ୧୧. | ମାଆ | ମନମୋହନ ରଥ | ୧୭ |
| ୧୨. | ବୋଉ | ଆରାଧନା ଦାଶ | ୧୮ |
| ୧୩. | ବୋଉ | ସାରଙ୍ଗଧର ଷଡ଼ଙ୍ଗୀ | ୧୯ |
| ୧୪. | ମାଆ | ବେଣୁଧର ସୂତାର | ୨୦ |
| ୧୫. | ସିଏ ପରା ମୋରି ମାଆ | ପ୍ରକାଶ କୁମାର ଚାନ୍ଦ | ୨୧ |
| ୧୬. | ବୋଉ | ବାସନ୍ତୀ ଦାସ | ୨୨ |
| ୧୭. | ମା' | ରାଜେଶ କୁମାର ମୁଣ୍ଡ | ୨୪ |
| ୧୮. | ବୋଉ ମୋର | ଶୈଳେନ୍ଦ୍ର ନାରାୟଣ ବେହେରା | ୨୫ |
| ୧୯. | ସ୍ୱପ୍ନରେ ବୋଉ | ଚନ୍ଦ୍ରା ମିଶ୍ର | ୨୬ |
| ୨୦. | ପାରିଦିଅ ପଣତ | ସୁମିତା ବେହେରା ବାପି | ୨୭ |
| ୨୧. | ବୋଉ ପାଇଁ ପଦେ | ସୌମେନ୍ଦ୍ର କୁମାର ଦାସ | ୨୮ |
| ୨୨. | ଜହ୍ନଟିଏ | ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ | ୨୯ |
| ୨୩. | ବୋଉ | ଡ଼ ଆଭାଞ୍ଜଳି ଶତପଥୀ | ୩୦ |
| ୨୪. | ବୋଉ | କଳ୍ପନା ମିଶ୍ର | ୩୨ |
| ୨୫. | ବୋଉ | ଗାୟତ୍ରୀ ବେହୁରା | ୩୩ |
| ୨୬. | ବୋଉ | ଡା: ବିଧୂତ୍ ଶେଖର ମିଶ୍ର | ୩୪ |
| ୨୭. | ମା' ପାଇଁ ଚିଠି | ସୁପ୍ରିୟା ପଣ୍ଡା | ୩୫ |
| ୨୮. | ବୋଉ | ଅରୁଣ କୁମାର ମହାପାତ୍ର | ୩୬ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୨୯. | ବୋଉ ହାତଟଙ୍ଗା କ୍ୟାଲେଣ୍ଡର | ସୁପ୍ତି କର | ୩୭ |
| ୩୦. | ମୋ' ବୋଉ | ରମେଶ ଚନ୍ଦ୍ର ମିଶ୍ର | ୩୯ |
| ୩୧. | ମାଆ ଶବ୍ଦ ଚମତ୍କାର | ହାସ୍ୟମୟୀ ରାଜ୍ | ୪୧ |
| ୩୨. | ବୋଉର ପଣତ କାନି | ହରିବନ୍ଧୁ ମଙ୍ଗରାଜ | ୪୨ |
| ୩୩. | ମାଆ, ସକଳ ଶକ୍ତିର ଉତ୍ସ | ରତ୍ନପ୍ରଭା ବାଇ | ୪୩ |
| ୩୪. | ବୋଉ | ସେବତୀ ପରିଡା | ୪୪ |
| ୩୫. | ବୋଉ ମୋ' ଜୀବନ | ଯମେଶ୍ୱର କହଲସିଂହ | ୪୫ |
| ୩୬. | ବୋଉ | ସନ୍ୟାସୀ ନାୟକ | ୪୬ |
| ୩୭. | ବୋଉ ଲୋ ବୋଉ | ପ୍ରଜ୍ଞା ମହାନ୍ତି | ୪୭ |
| ୩୮. | ବୋଉ..... | ସୁବାସିନୀ ପଟ୍ଟନାୟକ | ୪୮ |
| ୩୯. | ବୋଉ ସରି ନୁହଁ କେହି | ସୁଜାତା ପଟ୍ଟନାୟକ | ୪୯ |
| ୪୦. | ଅମୃତ ସମାନ ନାଆଁଟି ତା'ର | ରୋଜାଲିନ ପଟ୍ଟନାୟକ | ୫୦ |
| ୪୧. | ମାଆ | କାହ୍ନୁଚରଣ ମିଶ୍ର | ୫୧ |
| ୪୨. | ମା | ଶକୁନ୍ତଳା ପଣ୍ଡା | ୫୨ |
| ୪୩. | ବୋଉ | ସୂର୍ଯ୍ୟକାନ୍ତି ଦାଶ | ୫୩ |
| ୪୪. | ମୋ' ବୋଉ | ପଦ୍ମନାଭ ପାଣିଗ୍ରାହୀ | ୫୪ |
| ୪୫. | ମାଆ | ଅଜୟ କୁମାର ସେଠୀ | ୫୫ |
| ୪୬. | ବୋଉ | ପ୍ରସନ୍ନ ମଣ୍ଡଳ | ୫୬ |
| ୪୭. | ମାଆ | ବାବାଜୀ ଚରଣ ଜେନା | ୫୭ |
| ୪୮. | ବୋଉ | ବୀଣାପାଣି ଦେବୀ | ୫୮ |
| ୪୯. | ବୋଉ ତୁ ଚାଲି ଗଲା ପରେ | ଲକ୍ଷ୍ମୀପ୍ରିୟା ମହାରଣା | ୫୯ |
| ୫୦. | ବୋଉ ତୁ ଚାଲିଗଲୁ...... | ଆରତୀ ପ୍ରହରାଜ | ୬୦ |
| ୫୧. | ବୋଉ ପରି ହେବ କିଏ | କୈଳାଶଚନ୍ଦ୍ର ବେହେରା | ୬୧ |
| ୫୨. | ମୋ' ବୋଉ | ମଧୁଛନ୍ଦା ଦାଶ | ୬୨ |
| ୫୩. | ବୋଉ | ସୁରେଶ ଚନ୍ଦ୍ର ରଥ | ୬୩ |
| ୫୪. | ବୋଉ | ନିକୁଞ୍ଜ କୁମାର ଘୋଷ | ୬୪ |
| ୫୫. | ବୋଉ | ପ୍ରତିମା ମହାରଣା | ୬୫ |
| ୫୬. | ବୋଉ...... | ଅଞ୍ଜଳି ଦାସ | ୬୬ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୫୭. | ମୋ' ବୋଉ ପରି କିଏ ହେବ | ବାସନ୍ତୀ ଦେଈ | ୬୭ |
| ୫୮. | ବୋଉ | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୬୮ |
| ୫୯. | ମୋ' ବୋଉ | ଜ୍ୟୋସ୍ନାରାଣୀ ପଟ୍ଟନାୟକ | ୬୯ |
| ୬୦. | ମୋ' ଶତାୟୁ ବୋଉ | ଜବାହରଲାଲ ସୁବୁଦ୍ଧି | ୭୦ |
| ୬୧. | ଅଭୁଲା ତିଥିର ନାଆଁ....... | ସୁକାନ୍ତି ମିଶ୍ର | ୭୧ |
| ୬୨. | କରୁଛୁ କେମିତି ମାଆକୁ ମାପ | ଡ. ଚପଳା ପଣ୍ଡା | ୭୨ |
| ୬୩. | ମୋ' ବୋଉ | ବାସୁଦେବ ସାହୁ | ୭୩ |
| ୬୪. | ଏମିତି ପୁଅ ମୁଁ | ନିଶିକାନ୍ତ କହଲସିଂହ | ୭୪ |
| ୬୫. | ମାଆ ପାଇଁ ଦୁଇଟି ଏକପଦୀ | ତ୍ରିଲୋଚନ ଦାସ | ୭୫ |

# ବୋଉଲୋ......

**ରମେଶ ମଙ୍ଗରାଜ**



ବୋଉଲୋ ତୁ ଆଜି ମନେ ପଡୁ ଭାରି
ତୋତେ ମୁଁ ପାରୁନି ଭୂଲି...
ତୁ' ସିନା ମୋତେ ଏ ପୁରରେ ଛାଡ଼ି
ସେ ପୁରକୁ ଗଲୁ ଚାଲି ।୦।

ପ୍ରଥମେ ମୋ' ମୁହଁ ତୁ' ଦେଖିଥିଲୁ
ମୁଁ ଦେଖିଥିଲି ତୋତେ
କେତେ ଅରଦଳି ସହିକି ବୋଉଲୋ
ମଣିଷ କରିଛୁ ମୋତେ
କାନ୍ଦୁଥିଲେ ମୁହିଁ ଆକାଶରୁ ତୁହି
ତାରା ଆଣୁଥିଲୁ ତୋଳି ।୧।
ବୋଉଲୋ ତୁ' ଆଜି......

ଚାହିଁ ବସୁଥିଲୁ ଫେରନ୍ତା ବାଟକୁ
ଡେରି ହେଉଥିଲେ ମୋର
ପୋଛି ଦେଉଥିଲୁ ମଥାର ଝାଳକୁ
କାନି ପଣତରେ ତୋର
ତୋ'ପାଇଁ ବୋଧେ ମୁଁ ସାରା ଦୁନିଆରେ
ଗୋଟେ ଗେହ୍ଲା ପୁଅ ଥିଲି ।୨।
ବୋଉଲୋ ତୁ' ଆଜି......

କେତେ ଦୁଃଖ କଷ୍ଟ ସହିଛୁ ବୋଉଲୋ
ଜୀବନେ ମୋଅରି ପାଇଁ
ସାତ ଜନ୍ମନେଲେ ତୋ' ଋଣ ସତରେ
ଶୁଝି ମୁଁ ପାରିବି ନାହିଁ
ଭାବୁଛି ବସି ମୁଁ ତୋ' ସରାଗ ପାଖେ
ଋଣୀ ହୋଇ ରହିଗଲି ।୩।
ବୋଉଲୋ ତୁ' ଆଜି......

**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା**

ଫେବୃୟାରୀ
୨୦୨୩

# ଜୀବନ୍ତ ପ୍ରତିମା



## ଆଶୁତୋଷ ମେହେର

ତା' ପଣତ ଆଗେ ଛୋଟ ପଡିଯାଏ
ସୁନୀଳ ଆକାଶ ସୀମା,
ପ୍ରେମର ପ୍ଲାବନ ହୃଦୟ ନିର୍ଝର
ମନ୍ଦାକିନୀ ଲାଗେ ଧିମା....।।୦।।

ଶୀରାଳ ହାତ ତା' ବଜ୍ର କୋମଳ ଯେ
ଆକାଶେ ଛାଇର ଘର,
ଆଉଁସିଲେ ଶିରେ ଫିକା ପଡି ଯାଏ
ଆପଦ ବିପଦ ଭାର,
ଅମୃତ ଆଶୀଷ ପାଦେ ତା'ରି ବୋଳା
ମର୍ତ୍ତ୍ୟୁଁ ସ୍ୱର୍ଗ ପରିସୀମା......।।୧।।

ଜୀବନ୍ତ ପ୍ରତିମା ପାଦ ପୂଜିବାକୁ
ଜୀବନ ପଡଇ ଛୋଟ,
ଜନମୁ ମରଣ ଭଜନ ତା' ଗାଇ
ନିରିବଳ ହୁଏ ମୋଟ,
ଘର ମନ୍ଦିରରେ ରାଜରାଣୀ ସିଏ
ସାଗର ଦୁଲଣୀ ବାମା.....।।୨।।

୫୪, ଆର୍ଯ୍ୟପଲ୍ଲୀ
କିଟ୍ ଛକ, ପଟିଆ, ଭୁବନେଶ୍ୱର



# ବୋଉ....

ସୁନୀଲ ନାୟକ

ଯନ୍ତ୍ରଣା ସହି ତୁ' ଜନମ ଦେଇଛୁ
ଭୋକରେ ରହି ତୁ' ମୋ' ପେଟ ଭରିଛୁ
କିଏ ବା ପାରିବ ଆଉ
ତୁହି ମୋର ସେଇ ବୋଉ ।୧।

ତୋ' କୋଳରେ କେତେ ଅଳି ମୁଁ କରିଛି
ତୋ' ପାଖରେ କେତେ ଅଝଟ ହୋଇଛି
ନୀରବରେ ସହୁ ଥାଉ
ତୁହି ମୋର ସେଇ ବୋଉ ।୨।

ହାତଧରି ମୋତେ ବାଟ ଚଲାଇଛୁ
ପଣତ କାନିରେ ବାନ୍ଧି ତୁ' ରଖିଛୁ
ରଖିକି ପାରିବ ଆଉ
ତୁହି ମୋର ସେଇ ବୋଉ ।୩।

କେବେ ଯଦି ମୁହିଁ ରୋଗରେ ପଡ଼ିଛି
ନିଦ ଭୁଲିଯାଇ କୋଳରେ ଧରିଛୁ
କରିକେ ପାରିବ ଆଉ
ତୁହି ମୋର ସେଇ ବୋଉ ।୪।

ସବୁ ଦୁଃଖକଷ୍ଟ ମୋ' ପାଇଁ ସହିଛୁ
ମୋ' ମୁହଁରେ ତୁହି ହସ ଫୁଟାଇଛୁ
ଲୁଚିଲୁଚି କାନ୍ଦୁଥାଉ
ତୁହି ମୋର ସେଇ ବୋଉ ।୫।

ମୁଣ୍ଡଝାଳ ତୁହି ତୁଣ୍ଡରେ ମାରିଛୁ
ମଙ୍ଗଳ ମନାସୀ ଦେବତା ପୂଜିଛୁ
ତୋ' ପରିକା କିଏ ଆଉ
ତୁହି ମୋର ସେଇ ବୋଉ ।୬।

ଅସ୍ତରଙ୍ଗ, ପୁରୀ

# ମୋ' ମାଆ

## ଦିବାକର ନାୟକ



ସାତ ସାଗରର ବାଲି ସରିଯିବ
ସରିବନି ଯାର ମହିମା ଗାଥା
ଏମିତି ଗୁଣର ଅସରା ଅମାର
ମୋ' ମାଆ ପାଦେ ମୁଁ ନୁଆଁଏ ମଥା (୦)

ବାହାରେ ଗଲେ ମୁଁ ଚାହିଁ ବସିଥାଏ
ଚାତକ ଜଳକୁ ଚାହିଁଲା ପରି
ମୋତେ ଖୋଇଦେଲେ ବଳେଇ ଦି' ମୁଠା
ଖୁସିରେ ଉଦର ଯାଏ ତା' ପୂରି

ଦୁନିଆର ସବୁ ଭାଷା ଶିଖିଲେ ବି
ମୋ' ମାଆ ଭାଷାରେ କହେ ମୁଁ କଥା..
ସାତ ସାଗରର ବାଲି ସରିଯିବ
ସରିବନି ଯା'ର ମହିମା ଗାଥା (୧)

ଅଠରଟି ଖଣ୍ଡ ମହାଭାରତକୁ
ରାମାୟଣ ସାତ ଖଣ୍ଡ ପୁରାଣ
ମାଆର ମହିମା ନିଭନ ହୋଇନି
ଝଟକିଛି ସିନା ହୋଇ ଦି' ଗୁଣ

ମୋ' ମାଆ ପଣତ ମମତା ସରିତ
ତା' ଆଶିଷ ମୋର ଏକଇ ପଂଥା..
ସାତ ସାଗରର ବାଲି ସରିଯିବ
ସରିବନି ଯା'ର ମହିମା ଗାଥା (୨)

ଅନେକ ଆଶାର କଳ୍ପବଟ ସିଏ
ଧରଣୀଠୁ ବେଶୀ ସହନଶୀଳା
ଦୁଃଖରେ କାତର ସୁଖରେ ଅଧୀର
ନ ହୋଇ ଶିଖିଲି  ଜିଇବା କଳା

ମୋ' ମାଆର କୋଳ ପୁଣ୍ୟ ନୀଳାଚଳ
ଖୁସିର ଲୁହରେ ନରେନ୍ଦ୍ର ସତ୍ତା..
ସାତ ସାଗରର ବାଲି ସରିଯିବ
ସରିବନି ଯା'ର ମହିମା ଗାଥା (୩)

ପାଟପୁର, କନିସି
ଗୋଳନ୍ଥରା, ଗଞ୍ଜାମ

# ମାଆ....

ତପନ ଦୀକ୍ଷିତ(ବେଳାଭୂମି)

ଜାଣେନା ମା' ମୁଁ
ନଈପଠା ପାଖ ଗାଆଁର ମଶାଣି
ତୋ' କୋଳରୁ କେତେ ଦୂର
କହିବି ପାରୁନି ହାତ ପାପୁଲିର
ଆୟୁଷ ରେଖାର ଗାର ।
ଜୀବନ ସଂଗ୍ରାମେ ଇତଃସ୍ତତଃ ମୁଁ ଯେ
ପ୍ରତି ପାଦେ ସାବଧାନ
ଦୁଃଖ ଦୈନ୍ୟ ଆଉ ଯାତନା ପ୍ରହାରେ
କ୍ଳାନ୍ତ ଆଉ ମ୍ରିୟମାଣ ।
ବିପଦେ ଆପଦେ  ବହିଗଲେ  କେବେ
ଆଖି ଲୁହ ଦୁଇ ଧାର
ଏତିକି ଅଳି ମୋ' ପୋଛି ଦେବୁ ମା' ଗୋ
ଅଭୟ ପଣତେ ତୋର,
ଜାଣିଛି ମା' ମୁଁ, ଜନ୍ମଦାତ୍ରୀ ତୁହି
ଭାଗ୍ୟ ତୋ' ବଶରେ ନାହିଁ
ହେଲେ ତୋ' ଚରଣ ରେଣୁ କଣିକାଏ
ଭାଗ୍ୟ ପାରେ ବଦଳାଇ, ।ସେଇ ଚରଣର ରେଣୁ
ମୋ' ମଥାରେ
ବୋଳି ଦେ ମାଆ ତୁ' ଥରେ
ଚଲାପଥ ମୋର କଟିଯିବ ମା' ଗୋ
ନିର୍ଦ୍ୱନ୍ଦ ଓ ନିର୍ବିଘ୍ନରେ... ।।

ନାସିକେଶ୍ୱର, କାକଟପୁର, ପୁରୀ

# ବୋଉଟି ମୋର କେଡ଼େ ନିଜର

ତାରାପ୍ରସାଦ ଜେନା



ବୋଉଟି ମୋର କେଡ଼େ ନିଜର
ତା'ପରି ନାହିଁ କେହି,
କାଖରେ ଧରି ଦେଖାଏ ଜହ୍ନ
ସବୁଠୁ ବଡ଼ ସ୍ନେହୀ
.......ବୋଉଟି ମୋର କେଡ଼େ ନିଜର
ତା'ପରି ନାହିଁ କେହି ! ୦ !

ସନ୍ତାନ ଲାଗି ବୋଉର ଚିନ୍ତା
ଦେଇଛି କଳେ ଥନ
ବକଟେ ବୋଲି କହିଛି ସଦା
'ସନ୍ତାନ ମୋର ଧନ',
ତାହାଠୁ ବଳି ନିଜ ମଣିଷ
ପାଇନି ଆଉ ମହୀ
.......ବୋଉଟି ମୋର କେଡ଼େ ନିଜର
ତା'ପରି ନାହିଁ କେହି ! ୧ !

ରୋଗ ହୋଇଲେ ପାଖରେ ବସି
ସାଉଁଳେ ପାଦ ମୁଣ୍ଡେ
ଦିଅଁ ଦେବତା କେତେ ସେ ପୁଣି
ଯାଚଞ୍ଚା ରଖେ ଚାଣ୍ଡେ,
ମମତା ଭରା ସାଗର ସିଏ
ଶୁଖିବ ଜମା ନାହିଁ
.......ବୋଉଟି ମୋର କେଡ଼େ ନିଜର
ତା'ପରି ନାହିଁ କେହି ! ୨ !

ଅଳି ଅଝଟ ସବୁ ସହିଛି
ସଂସାର ଖୁସି ଚଳେ
ବୋଉ କାନିରେ ମୁହଁ ପୋଛିଲେ
ସରଗ ଶାନ୍ତି ମିଳେ,
ବୋଉର ମୁହଁ ଆଡ଼କୁ ସିନା
କାନ୍ଦୁଛି ପ୍ରାଣ ରହି
.......ବୋଉଟି ମୋର କେଡ଼େ ନିଜର
ତା'ପରି ନାହିଁ କେହି ! ୩ !

ରାଜ ରଣପୁର, ନୟାଗଡ଼

# ମା' ସେ ମମତାମୟୀ



ଜୟଶ୍ରୀ ପଟ୍ଟନାୟକ

ମୋ' ମଥାରେ ରହିଛି ଯାହା ହାତର ଛାଇ
ଯିଏ ପୋଛିଦିଏ ପଣତରେ ଦୁଃଖର ନଇ
ସକାଳରୁ ସଞ୍ଜ ପ୍ରସାରି ପଣତ ତା'ର
ମନାସିଛି ମଙ୍ଗଳ କାମନା ସନ୍ତାନର
ସିଏ ମୋର କଲ୍ୟାଣମୟୀ ଅମୃତମୟୀ
ଗର୍ଭ ଧାରିଣୀ ମା' ।୧।

ଅବିରତ କାମକରି ଥକିନାହିଁ ଯିଏ
ମାଗିନାହିଁ ଜୀବନରେ କିଛି ମୂଲ ସିଏ
ଟୋପେ ସିନ୍ଦୂର ଦି'ମୁଠା କାଚରେ ସନ୍ତୁଷ୍ଟ
ଯିଏ ଦିଏନାହିଁ ସନ୍ତାନ ମନରେ କଷ୍ଟ
ସିଏ ମୋର କଲ୍ୟାଣମୟୀ ଅମୃତମୟୀ
ଗର୍ଭ ଧାରିଣୀ ମା' ।୨।

ଭୋକ ହେଲେ ଯିଏ ବୁଝେ ସନ୍ତାନର ଅଳି
ସଞ୍ଜ ହେଲେ ଝାଡ଼ି ଦିଏ ଦେହ ଧୂଳିମଳି
ହୃଦୟରେ ଯା'ର ନ ଥାଏ ବାଛ ବିଚାର
ସେବା କରୁଥାଏ ରୋଗ ହେଲେ ସନ୍ତାନର
ସିଏ ମୋର କଲ୍ୟାଣମୟୀ ଅମୃତମୟୀ
ଗର୍ଭ ଧାରିଣୀ ମା' ।୩।

ଶୁଝି ପାରିବିନି ତା' ଋଣ ଏ ଜୀବନରେ
ଭୁଲି ପାରିବିନି ତା' ସ୍ନେହ ଦୁହିତା ସଂଜ୍ଞାରେ
ଜନମ ଦେଇଛି ପଢେଇଛି ପାଠ ସିଏ
ସଣ୍ଢଣା ସେବା ଓ ଯାବତୀୟ କଥା ଯିଏ
ସିଏ ମୋର କଲ୍ୟାଣମୟୀ ଅମୃତମୟୀ
ଗର୍ଭଧାରିଣୀ ମା' ।୪।

ଗଙ୍ଗନଗର, ଭୁବନେଶ୍ୱର

# ମୋ' ବୋଉ

**ସତ୍ୟବାଦୀ ରାଉତ**

ଈଶ୍ୱରଙ୍କ ଜନ୍ମକାଳୁ ଏଯାଏଁ
ଯାହାକୁ ଛୁଇଁ ପାରିନି
ଛଳନାର ଛାଇ
ସେମାନେ କିଏ..?
ଆମ ଗାଁ : ମୋ' ବୋଉ ।
ଜୀବନ ସାରା ଖାଲି ଦେଇଛି
ମାଗିନି କିଛି
ସେ କିଏ?
ଆମ ଗାଁ : ମୋ' ବୋଉ ।
ମୋ' ବୋଉର କଷ୍ଟା କାନିରେ
ଢ଼ାଳି ହୋଇଯାଇନି ଆରବ ଅତର "ଇଭିନିଙ୍ଗ ଇନ ପ୍ୟାରିସ "
ମଲ୍ଲୁଖର ଗନ୍ଧ : ମୋ' ପିଲାବେଳ ।
ଯେବେ ନିଦ ରୁଷେ
ବୋଉ ଗାଏ -"ଧୋ'ରେ ବାଇଆ ଧୋ"
ଜହ୍ନ ରାତିରେ ବୋଉ ଗାଏ
"ଆ ଜହ୍ନ ମାମୁଁ ସରଗ ଶଶୀ "
ମୁଁ ଜହ୍ନ ପିଠିକୁ ଆଉଁସୁ ଆଉଁସୁ
ରାତି ସରିଯାଏ ।
ବୋଉ ଲୋ.....
ତୋ' ଆବର୍ତ୍ତମାନରେ ସବୁ ସ୍ମୃତି
ମୁଁ ଏବେ ସ୍ୱପ୍ନମହଲରେ
ଆଉ ତୁ'... ମିଞ୍ଜିମିଞ୍ଜି ତାରା
ମଝି ଆକାଶରେ ....

**ଢ଼ଂସର, ବାଙ୍କି, କଟକ**

# ମାଆ

**ଜୟନ୍ତୀ ସ୍ୱାଇଁ**



ମାଆ ତ' ମମତାମୟୀ
ତା' ପରି ସଂସାରେ କେ' ନାହିଁ
ସନ୍ତାନ ସୁରକ୍ଷା ପାଇଁ
ଢାଙ୍କିଦିଏ ତା' ପଣତ ଛାଇ ।୦।

ଦଶମାସ ଗର୍ଭେ ଧରି
ସହିଛି ସେ ଅସହ୍ୟ ଯାତନା
ଦେଖାଇଛି ଦୁନିଆକୁ
ସିଏ ଆମ ଚିର ବନ୍ଦନୀୟା
ଜୀବନ ରଖିଛି ଆମ
ତା' ବକ୍ଷର ଅମୃତ ପିଆଇ ।୧।
ମାଆ ତ' ମମତାମୟୀ...

ସନ୍ତାନର ହାତଧରି
ଶିଖାଇଛି ଠୁକୁଠୁକୁ ଚାଲି
ଦୁନିଆ ଦାଣ୍ଡରେ ଠିଆ
କରାଇଛି, ହେବନାହିଁ ଭୁଲି
ପ୍ରଥମ ଗୁରୁ ହିଁ ମାଆ
ବଢ଼ାଇଛି ତା' ସଂସ୍କାର ଦେଇ ।୨।
ମାଆ ତ' ମମତାମୟୀ...

ସ୍ୱର୍ଗଠାରୁ ଗରିୟସୀ
ଧରଣୀଠୁ ବିଶାଳ ହୃଦୟ
ମାଆ ଯଦି ସାହା ହୁଏ
ନଥାଏ ତ' କାହାରିକୁ ଭୟ
ଏତିକି ରଖିବା ମନେ
କେବେ ତାକୁ ଦୁଃଖ ଦେବାନାହିଁ ।୩।
ମାଆ ତ' ମମତାମୟୀ...

**ବରାଙ୍ଗ, ଅସ୍ତରଙ୍ଗ, ପୁରୀ**

# ମାଆ

ନିରଞ୍ଜନ ସାହୁ

ମାଆ ନାମ ଅଟେ ଅମୃତ ସମାନ
ମଧୁରୁ ମଧୁରତମ
ଏହି ଦୁନିଆରେ ହୋଇପାରିବ କି
କେହି ଜଣେ ମାଆ ସମ ?

ଦଶମାସ ଦଶଦିନ ଗର୍ଭେ ଧରି
ଜନ୍ମ ଦେଇଥାଏ ଯିଏ
ସନ୍ତାନ ଲାଳନ ପାଳନ ଅର୍ଥରେ
ତାହା ପରି ହେବ କିଏ
ପ୍ରଥମ ଗୁରୁ ସେ ବୋଲାଏ ଜଗତେ
ନାଶଇ ଅଜ୍ଞାନ ତମ ।

ମାଆର ପଣତ ନୀଳଚକ୍ର ନେତ
ସନ୍ତାନେ ସୁରକ୍ଷା ଦିଏ
ସନ୍ତାନ ଖୁସିରେ ଖୁସି ହୋଇକରି
ସମୟ କଟାଇ ନିଏ
ବାତ୍ସଲ୍ୟ ପ୍ରେମରେ ସଦା ଉବୁଟୁବୁ
ମଥା ନଇଁଯାଏ ମମ ।

ମାଆ ଋଣ କିଏ ଶୁଝିଛି ସଂସାରେ
ସାକ୍ଷାତ ସେ ଦେବୀଟିଏ
ମାଆ ପଦ ସେବି ଋଣମୁକ୍ତ ହୁଏ
ଭାଗ୍ୟବାନ ଅଟେ ଯିଏ
ଭକତି ଅନ୍ତରେ ମାଆର ପୟରେ
ହେ ସନ୍ତାନଗଣ ନମ ।

ନିହଲ ପ୍ରସାଦ
ଗଁଦିଆ ପାଟଣା, ଢେଙ୍କାନାଳ

# ମାଆ

## ମନମୋହନ ରଥ

ଛଳନା- ପ୍ରବଞ୍ଚନାହୀନ
ସଦାସ୍ୱଚ୍ଛ-ଚିରନ୍ତନ
ଅନନ୍ୟ, ଅପୂର୍ବ, ଅମଳିନ
ସ୍ୱର୍ଗୀୟ ଅନାବିଳ ଆଉ ସ୍ୱାର୍ଥଶୂନ୍ୟ
ଦାଉଦାଉ ଦିବ୍ୟ ବାତ୍ସଲ୍ୟପଣର ଯାହା
ଏକୋଇ ବିଶୁଦ୍ଧ ଅନନ୍ତ ସର୍ବତତ୍ତ୍ୱ
ସେଇତ ..."ମାତୃତ୍ୱ" ।

"ମାଆ"-- ସେ ତ
କାରୁଣ୍ୟର ଚେତନାରେ,
ହୃଦୟର ଅନ୍ତଃସ୍ୱରେ,
ମାତୃତ୍ୱର ଶାଶ୍ୱତ କୁହୁକ ସମ୍ପର୍କେ
ଲାଗେ ସଦା ଝରଝର ନିନାଦିତ
ନିତ୍ୟ ପ୍ରବହତି ଅମୃତସ୍ରାବୀ ;
ସର୍ବହୃଦେ ସେ ତ ସ୍ନେହମୟୀ
ସୁଧାମୟୀ, କରୁଣାମୟୀ
ପରିପୂର୍ଣ୍ଣା, ପ୍ରଶାନ୍ତବଦନା
ଦିବ୍ୟାୟୀତା ଅନ୍ନପୂର୍ଣ୍ଣାଦେବୀ ।

ତା' "ସୃଷ୍ଟି " ଅନ୍ତରର
ବିସ୍ତୃତ ଉପବନେ ସେ ତ
ଭରପୁର ମହମହ ତୃପ୍ତିଫୁଲ,
ସେ କି ପବିତ୍ର ସୁନ୍ଦର ଅପରୂପ
ସ୍ନିଗ୍ଧମଧୁ ପ୍ରଲେପିତ
ଚାରୁତମ ଛବି !!
ସେଇ ପୁଣି ଅନୁପମ, ଅମୃତମୟ
ଶ୍ରଦ୍ଧାସିକ୍ତ, ସ୍ନେହଦୀପ୍ତ, ବାତ୍ସଲ୍ୟଲିପ୍ତ
ତା' ସୃଷ୍ଟି ହୃଦେ ପ୍ରବାହିତା
ଚିରନ୍ତନ ଭକ୍ତିର ଜାହ୍ନବୀ ।

ସେ ତା' ବିଶାଳ କାରୁଣ୍ୟରେ ଲାଗେ
ଗୁଞ୍ଜିତ, ଝଙ୍କୃତ ନିନାଦିତ
ଶୀତଳ-ବହଳ-ଢଳଢଳ
ଅତୁଳିତ କୋମଳ କମ୍ର-ନମ୍ର
ସକଳ ତୃପ୍ତିଦୀପ୍ତ ମୂର୍ତ୍ତିମତୀ
କି ବା କଲ୍ୟାଣଦାୟୀ;
ସେ ପୁଣି ପ୍ରତେହୁଏ-
ଭକ୍ତିଭର୍ତ୍ତି ଉଛୁଳା ଉଚ୍ଛ୍ୱାସେ
କଳକଳ ପୁଣ୍ୟତୋୟା
ଆମୃତିକ ଢେଉଟିଏ ପୁଣି...
ପ୍ରୀତିଭରା ଅନୁରାଗେ
ଝଂକୃତ ସ୍ୱର୍ଗୀୟ ପୁଣ୍ୟ
ଅମରାବତୀରୁ ଅବରୋହିତା
ଏକ ଅଶେଷ/ବିଶେଷ
କ୍ଷମାଶୀଳା ମାଧୁରିମାମୟୀ ।

କେବେ ଲାଗେ ତାହାରି ପଣତ
ବିଶ୍ୱାସ-ଆଶ୍ୱାସର ବିହାୟସଟିଏ,
କେବେ ପୁଣି ମଥାପରେ ସେ ତ
ଭରାଭରା ସଂତୃପ୍ତି/ଆହ୍ଲାଦ;
କେବେ ତା'ର ସ୍ନେହସିକ୍ତ
ଆଚ୍ଛାଦନ ତଳେ
ବାତ୍ସଲ୍ୟର ସ୍ତୁପସ୍ତୁପ ବିପୁଳ ସଂପଦ ।

ସତରେ ତା' ସୃଷ୍ଟି ଆବେଗର
ଅତୁଳିତ/ଅକଳିତ ପରିଧି
ଆକାଶଠୁ ଲାଗେ ବୃହତ୍ତର;
ତା' ମମତା-ବାସ୍ନାରେ ଭିଜା
ସର୍ବୋତ୍ତମ ଅଭୟ ଆଶ୍ରୟର ସେଇ
କାୟାଢାଳ ସମ ଲମ୍ବିତ ପଣତ
ସଦା ସେ ତ' ସୀମାହୀନ
ଦିଗନ୍ତବିସ୍ତାରୀ
ଟପିଥାଏ ଭୂମାଳମ୍ବୀ ଅନ୍ତରୀକ୍ଷ ଧାର।

*(ମାତୃଦିବସ ଅବସରେ)*

# ବୋଉ



ଆରାଧନା ଦାଶ

ପୃଥିବୀର ସମ ସହନଶୀଳା ସେ
ହୃଦୟରୁ ଝରେ ସେନେହ ଝର ,
ମନଟା ଯାହାର ଆକାଶଠୁ ବଡ଼
ହୃଦୟଟା ସାଗରଠୁ ଗଭୀର।
ଦଶମାସ ଦଶଦିନ ଗର୍ଭେ ଧରି
ଜନମ ଦେଇଛି କଷଣ ସହି,
ଝରାଇ ଦେଇଛି ବକ୍ଷରୁ ଅମୃତ
ନିଜେ ବହୁବାର ଉପାସେ ରହି ।
ରୋଗେ ପଡ଼ିଥିଲେ ଉଜାଗର ରହି
ନିଦ ହଜାଇଛି ଅନେକ ବାର,
କାନ୍ଧରେ ପକାଇ ଡାକ୍ତର ପାଖକୁ
ଧାଇଁଅଛି କେତେ ଥରକୁ ଥର।
ଛୋଟବେଳେ କେତେ ଅଝଟ ସହିଛି
ପୋଛିଅଛି ଦେହୁ ଧୂଳି ଆମର।
ଓଦା ବିଛଣାରେ ଶୋଇଛି କେତେ ସେ
ଭାଙ୍ଗିଯିବ ବୋଲି ନିଦ୍ରା ଆମର।

ନ ଶୋଇଲେ ଗୀତ ଗାଇ ଶୁଆଇଛି
ପଣତ କାନିରେ ଝାଡ଼ିଛି ଧୂଳି,
ଯେତେ ଦୁଃଖ ଦେଲେ ମନରେ ତାହାର
କ୍ଷମା ଦେଇ କେତେ ସହିଛି ଅଳି।
ହାତ ଧରି ଆମ ଚାଲି ଶିଖାଇଛି,
ପଡ଼ିଗଲେ ତଳେ ନେଇଛି ଟେକି,
ଯେତେ ଦୋଷ କଲେ ନିଜେ ସହି ଯାଇ
ଆମ ପାଇଁ କେତେ ଖାଇଛି ଗାଳି।
ଆମ ସୁଖ ପାଇଁ ଦେବତା ପୂଜିଛି
ଶୁଭ ମନାସିଛି ଈଶ୍ୱର ପାଖ,
ନିଜେ ଜଳି ଜଳି ସଳୀତା ସମ ସେ
ଭରିଛି ଜୀବନେ ଆମ ଆଲୋକ ।
ବୋଉ ପରି ଆଉ କିଏ ଅଛି ଭବେ
ଦେଉ ଥିବ ଖାଲି ଜୀବନ ଯାକ,
ବଦଳରେ କିଛି ଚାହୁଁ ନ ଥିବ ଯେ
ଚିନ୍ତୁଥିବ ଖାଲି ସନ୍ତାନ ସୁଖ।

ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା

# ବୋଉ

**ସାରଙ୍ଗଧର ଷଡ଼ଙ୍ଗୀ**

ବୋଉ ସେନେହରେ ବନ୍ଧା ଏ ସଂସାର
ବୋଉ ବିନା ଲାଗେ ଜଗତ ଅନ୍ଧାର ।

ବୋଉ ଡାକ ଅଟେ କେତେ ସୁମଧୁର।
ଡାଡି ମମି ଡାକେ ଜୀବନ ଅସାର ।

ମମତାରେ ଭରା ହୃଦୟ ଯାହାର
ସଭିଙ୍କର ବୋଉ ଅତି ଆପଣାର।

ଦୀପଟିଏ ପରି ସଦା ଜଳିଯାଏ
ଆମକୁ ଚଲିବା ବାଟ ସେ ଦେଖାଏ ।

ବୋଉ ଡାକିଦେଲେ ପହଞ୍ଚେ ପାଖରେ
ପଣତେ ଘୋଡ଼େଇ ରଖେ ବିପଦରେ ।

ଦେହ କଷ୍ଟ ହେଲେ  ଜଗି ରହିଥାଏ
ମଙ୍ଗଳ ମନାସି ଦୀପ ଜାଳୁଥାଏ ।

ବୋଉର ଆଶିଷ ଯା' ପାଖରେ  ଥାଏ
ବିଜୟର ଧ୍ୱଜା ସେ ଏକା ଉଡ଼ାଏ ।

ବୋଉ ନାହିଁ ଯା'ର କେହି ନାହିଁ ତା'ର
ତା' ବିନା ଜୀବନ ହୁଏ ହାହାକାର ।

ଯା' ହାତ ପରଶେ ବଡ଼ ହେଲି ମୁଁହି
ତା' ଲାଗି ଦୁନିଆ ଦାଣ୍ଡରେ ଚାଲଇ ।

ବୋଉ ପାଦତଳ ବୈକୁଣ୍ଠ ସମ
ସେ ପାଦରେ ମୋ'ର କୋଟିଏ ପ୍ରଣାମ ।

# ମାଆ

ବେଣୁଧର ସୂତାର



ବାସନ୍ତୀ ଉଷାର ଅରୁଣିମା ମାଆ
ପୂତ ନୀରା ସ୍ରୋତସ୍ୱତୀ
ନୟନେ ଯା ଭରା ନୀଳନୀଳ ସ୍ୱପ୍ନ
ପୂଜାରିଣୀ ପୁଣ୍ୟବତୀ ।।

ମାଆ ଏକ ମଧୁ ଶବ୍ଦର ନିନାଦ
ହୃଦୟର ଅନୁକୋଣେ
ଯା' ଡାକ ଅମୃତ ପାବନ ପଣତ
ଶୀତଳତା ଭରେ ପ୍ରାଣେ ।।

ଯା' ହସ୍ତ ପରଶ  ନୟନରେ ଭରେ
କଅଁଳ ବହଳ ନିଦ
ମମତା ତାହାର ଜୀବନ ଯଜ୍ଞର
ଅମୃତ କ୍ଷରା ବେଦ ।।

ତ୍ୟାଗ ତିତିକ୍ଷାର ମୂର୍ତ୍ତିମନ୍ତ ଦେବୀ
ମମତାର ମନ୍ଦାକିନୀ
ଅନନ୍ତ ବିଶ୍ୱର ସୁଧା ସଞ୍ଜୀବନୀ
ପ୍ରାଣ ପୀୟୂଷ ଦାୟିନୀ ।।

ସ୍ନେହବୋଳା ଭାଷ ଅମିୟ ଆଶ୍ଳେଷ
ଯା' ବାତ୍ସଲ୍ୟ ମଧୁବ୍ରତ
ସେ ବିଶ୍ୱଜନନୀ ଅମୃତ ସୃଜନୀ
ଅନ୍ତଃସଲିଳା ସ୍ରୋତ ।।

ମାଆ ମମତାର ବିମୁଗ୍ଧ ବନ୍ଧନ
ଚିର ଆକାଂକ୍ଷିତ ଧନ
ତା' ଅନ୍ତରେ ଭରା ବିଶ୍ୱ କଲ୍ୟାଣ
ସ୍ନେହ ସଞ୍ଚିତ ତା' ମନ ।।

ପୀୟୂଷ ବୋଳା ତା' ପଣତ କାନିଟା
ମମତା ଅଥଳ ସିନ୍ଧୁ
ଅନୁରାଗେ ଭରା ପୁଣ୍ୟପସରା ସେ
ତୃପ୍ତିର ଅମୃତ ବିନ୍ଦୁ ।।

ସେ ପୁଣ୍ୟ ଜନନୀ ମୁଗ୍ଧା ତପସ୍ୱିନୀ
କଣ୍ଠେ ଭରିଦିଏ ଭାଷା
ଯା' ପାଇଁ ଜୀବନ ମହକ ମଧୁର
ସ୍ୱପ୍ନମୟ ନୀଳ ଆଶା ।।

ତା' ଅମୂଲ୍ୟଦାନ ମିଠା ସମ୍ମୋହନ
ଜୀବନର ଉପାଦାନ
ନାନାବାୟା ଗୀତେ ତୋଳିଦିଏ ହାତେ
ନୀଳ ଆକାଶର ଜହ୍ନ ।।

ମାଆର କୋଳଟି ନିର୍ଭୟ ଆଶ୍ରୟ
ବାତ୍ସଲ୍ୟ ମମତା ଦୋଳି
ମିଠା ସପନର ମମତା ଅବିର
ଜୀବନରେ ଦିଏ ବୋଳି ।।

ତ୍ରିଭୁବନ ଯାହାର ଦୁର୍ଲଭ ଐଶ୍ୱର୍ଯ୍ୟ
ବିରଳ ଅଳକା କୋଳେ
ସେଥିପାଇଁ ବୋଧେ ମର୍ତ୍ତ୍ୟେ ଜନ୍ମିବାକୁ
ଦେବତାର ମନ ବଳେ ।।

ମାଆ ମମତାର ଅମୃତ ନିର୍ଝର
କୋଟି କୈବଲ୍ୟ ତା' କୃପା
ପ୍ରେମ ବନ୍ଧନର ପରିପୂର୍ଣ୍ଣ ଧାରା
ଜନନୀ ସେ ବିଶ୍ୱରୂପା ।।

ଯେତେ ବର୍ଣ୍ଣିଲେ ବି ଅବର୍ଣ୍ଣନୀୟା ସେ
ନାହିଁ ତା ବିକଳ୍ପ ଭୂତି
ସବୁରି ଉର୍ଦ୍ଧ୍ୱେ ତା' ପବିତ୍ର ଆସନ
ସେ ଜନନୀ ପୁଣ୍ୟବତୀ ।।

କେଶଦୁରାପାଳ, କେନ୍ଦୁଝର

# ସିଏ ପରା ମୋରି ମାଆ

**ପ୍ରକାଶ କୁମାର ଚାନ୍ଦ**

ଝୁଣ୍ଟି ପଡିଗଲେ ପାଟିରୁ ବାହାରେ
ଆପେ ଆପେ ଯା'ର ନାଆଁ
ଆକାଶଠୁ ବଡ଼ ହୃଦୟ ତାହାର
ସିଏ ପରା ମୋରି ମାଆ ।।
ମାଟି ପିଣ୍ଡୁଳାକୁ ଜୀବନ ଦେଇ ସେ
ଅତି ଯତନରେ ଗଢ଼େ
ମମତା ପରଶେ ତାହାରି କୋଳରେ
ଧୀରେ ଧୀରେ ମୁହିଁ ବଢ଼େ ।।
ଯେତେ ଦୁଃଖକଷ୍ଟ ଜୀବନେ ଆସିଲେ
ପତାଇ ନିଜର ଛାତି
ଅଝଟକୁ ଆମ କରଇ ପୂରଣ
ଭୁଲି ନିଜ ସୁଖ ଶାନ୍ତି ।।
ସାତସିଆଁ ଲୁଗା ସାତଘେରା ହୋଇ
ଆମ ଦେହେ ଥିଲେ ପଡି
ଡରେଇ ପାରେନା ବରଷା ବତାସ
ମେଘ ଅବା ଘଡ଼ଘଡ଼ି ।।

ଶହେ ମାନସିକ ହଜାରେ ଉପାସ
ଆମ ପାଇଁ ସିଏ କରେ
ଆମରି ଓଠରେ ହସ ଦେଖିବାକୁ
ଦିନ ରାତି ଖଟି ମରେ ।।
ବାହାରକୁ ଗଲେ ଚଉରାର ମାଟି
ମୁଣ୍ଡେ ଆଣି ବୋଳିଦିଏ
ହଜାରେ ଦିଅଁକୁ ମନେମନେ ଡାକେ
ଘରକୁ ଫେରିବା ଯାଏ ।।
ସବୁ ଋଣ ଏଠି ସୁଝି ହୋଇଯାଏ
ତା' ଋଣ ହୁଏନା ସୁଝି
ସେଇ ଏକା ଜଣେ ମରମ ତଳର
କଥାଟିକୁ ପାରେ ବୁଝି ।।

ଜୟପୁର ଶାସନ
ପିପିଲି, ପୁରୀ

# ବୋଉ

**ବାସନ୍ତୀ ଦାସ**



ବୋଉମାନେ ସର୍ବଦା ପିନ୍ଧନ୍ତି
ଛକପକା କସ୍ତାଶାଢ଼ୀ
ସେଇ ଖଣ୍ଡିଏ କସ୍ତାରେ
ଲୁଚିଥାଏ ତାଲୁରୁ ତଳିପା' ଯାଏ
କାନ୍ଧରେ ପଡିଥାଏ ଲମ୍ବା ପଣତ ତ
ତା' କାନିରେ ବନ୍ଧା ଘରଯାକର କଂଚିକାଠି ।

ବୋଉର ପଣତରେ
ସଂସାରର ସାରା ଓଜନ ଝୁଲୁଥାଏ ଦୋଳିଭଳି
ତା' ପାଦରେ ନଥାଏ ବିରାମ ଚାଲିବାରେ
ସେ ଧାଉଁଥାଏ ସମୟ ସାଥୀରେ
ପାହାନ୍ତା ପହରୁ ରାତିଅଧ ଯାଏ
ସଜାଡିବାକୁ, ସମ୍ଭାଳିବାକୁ ତା'ର ସଂସାର ।

ଫୁଙ୍କିଆ ତାରା ଦେଖିବା ଆଗରୁ
ବୋଉ ଶେଜ ଛାଡ଼େ ତ'
ଲୁଗା ହକାଳି ଆସେ କାଳି ଅନ୍ଧାରରୁ
ନଈ କି ପୋଖରୀରେ ନିତ୍ୟକର୍ମ ସହ,
ତା' ପରେ ଆରମ୍ଭ ତା'ର
ଜୀବନ ଜିଇବାର କଳା କୌଶଳ
ସଭିଙ୍କ କଥା ବୁଝୁବୁଝୁ ସେ ଭୁଲିଯାଏ
ନିଜର ଓଦା କେଶ ଶୁଖାଇବାକୁ ଖରାରେ
କି ଚିରୁଣୀ ଧରି ଟିକେ ଚଲେଇ
ସଜାଡି ଦେବାକୁ ଜଟ ଧରିଯାଇଥିବା
ହାତେ ଲମ୍ବର କେଶକୁ ତା'ର ।

ସେ କେବଳ ଗାଧୋଇସାରି
ଡିବିରି ଆଲୁଅରେ ଆଇନା ଦେଖି
ମଥାରେ, ସୁନ୍ଥାରେ ମଡେଇ ଦେଇଥାଏ
ମଥାଏ ନାଲି ସିନ୍ଦୂର ଟୋପା
ବୋଉ ଦିଶୁଥାଏ ଦେବୀ ଭଳି
ଆଉ ସବୁ ଶୃଙ୍ଗାର ସଜକୁ ତ୍ୟାଗକରି
ସେ ପକେଇ ଦେଇଥାଏ
ଓଦା କେଶରେ କଷିକରି ଗଣ୍ଠିଟିଏ,
ତା' ବଳିଷ୍ଠ ବନ୍ଧନରେ ସେ ଜୁଡ଼ା
ଦେଖୁଥାଏ ଦିନସାରା ବୋଉର ଧାଁ ଧଉଡ
ଓ ସମସ୍ତଙ୍କ ପାଇଁ ସେ ନିଭୋଉଥିବା
ତା' କର୍ତ୍ତବ୍ୟ ପରାୟଣତା, ସେବାକୁ ।

*ଅବଶିଷ୍ଟ ଅଂଶ ପରବର୍ତ୍ତୀ ପୃଷ୍ଠାରେ...*

ବୋଉ ତ' ଚାଲେନାହିଁ,
ଧାଉଁଥାଏ କେବଳ ସମୟର ପରି
ଟିକ୍ ଟିକ୍ ଶବ୍ଦକରି ଆଗକୁ ଆଗକୁ
ପଛକୁ ଫେରି ଚାହିଁବାକୁ
ଇଚ୍ଛା ଥିଲେ ବି ବେଳ ମିଳେନା
ହେଲେ ସଂସାର ଯାକର ହିସାବଫର୍ଦ୍ଦ
ଥାଏ ତା' ମନ ସିଲଟରେ ଗୋଟିଗୋଟି
ଭୁଲେନା କାହାର କ'ଣ ଦରକାର କେତେବେଳେ
ଗାଈ ଛେଳି ବିଲେଇ କୁକୁରଙ୍କଠାରୁ
କାଉ କୋଇଲି ବା ମଣିଷ
ସବୁଙ୍କର ଦାୟିତ୍ୱ
ଝୁଲୁଥାଏ ବ୍ରିଟିଶ୍ ଖଣ୍ଡାପରି ତା ମଥା ଉପରେ ।

ବୋଉ ହସିବାର କି କାନ୍ଦିବାର
ଦେଖିନି କେହି କେବେ
କେହିବି ଦେଖିନାହିଁ
ବୋଉ କ'ଣ ଖାଏ କେତେବେଳେ ଶୁଏ,
ଆଉ କେମିତି ଥାଏ ତା' ମନର ଭାବନାସବୁ
ଇତିରି ଛିତିରି ହୋଇ ନା ବ୍ୟବସ୍ଥିତ ଭାବେ
ଜଡ଼େଇ ହୋଇ ରହିଥାନ୍ତି
କସ୍ତା ଭିତରେ କି ଦେହ ଭିତରେ ?

ବୋଉର ସ୍ୱଭାବ ସେମିତି
ନିରବରେ କର୍ମ କରିଯିବା ଅବିରତ ଭାବରେ;
ସଂସ୍କାର, ସଂସ୍କୃତି, ସଦାଚାର ଆଉ ସହନଶୀଳତା
ବୋଉଠାରୁ ଶିଖିବାର କଥା
ନିଜ ଜୀବନରେ,
କେମିତି ସ୍ନେହର ବନ୍ଧନରେ ବାନ୍ଧିହୁଏ
ସାରା ସଂସାରକୁ ଆଉ ଆତ୍ମୀୟ ମାନଙ୍କୁ
ଏହା ବୋଉଠାରୁ ଶିଖିବାର କଥା ।

**ସମ୍ପାଦିକା - ଶିଳାଶ୍ରୀ,**
**ଭୀମଟାଙ୍ଗୀ, ଭୁବନେଶ୍ୱର**

# ମା'



**ରାଜେଶ କୁମାର ମୁଣ୍ଡ**

ମା'
ମୋ' ଚାରିଧାମ
ଜୀବନର ସର୍ବଶ୍ରେଷ୍ଠ ସୁଗନ୍ଧମୟ ଫୁଲ
ମରୁଭୂମିରେ ଛଳଛଳ ସୁସ୍ୱାଦୁ ଜଳ ।

ମା'
ସହସ୍ର ସମ୍ବେଦନା, ଅଜସ୍ର ଭାବନା
ବିଷମୟ ଜୀବନରେ
ଅମୃତର ଚିରସ୍ରୋତା ଝରଣା ।

ମା'
ମନ୍ଦିରର ପୂଜାଥାଳି
ଆଖି ଉପକୂଳେ ଲୁହ
ଅସଂଖ୍ୟ ଉପାସନାର ପ୍ରସାଦର ମୋହ ।

ମା'
ଶରୀରରେ ଆତ୍ମା
ଅଳ୍ପାୟୁଷ ଜୀବନରେ ସଙ୍ଗୀତର ମୂର୍ଚ୍ଛନା
ତା' ସଂସାର, ପରମାତ୍ମାର ଦୁନିଆ ।

ମା'
ମାଟି, ପବନ, ଜଳ, ଆକାଶ
ଦୁଃଖରେ ବି ମୃଦୁ ହସ
ତା' ପଣତ ସୁରକ୍ଷିତ ବାସ ।

ମା'
ସୃଷ୍ଟିକର୍ତ୍ତା, ମୋ' ସଂସାରେ ସର୍ବତ୍ର ବ୍ୟାପ୍ତ
ଆଦିଶକ୍ତି, ଯା' ବିନା ଶାନ୍ତିଗୁପ୍ତ
ବର୍ତ୍ତମାନ ଲୁପ୍ତ, ଭବିଷ୍ୟତ ଅଭିଶପ୍ତ ।।

**ଧର୍ମଗଡ଼, କଳାହାଣ୍ଡି**

# ବୋଉ ମୋର

ଶୈଳେନ୍ଦ୍ର ନାରାୟଣ ବେହେରା



ସିଏ ମୋ' ବୋଉ ପରା,
ଯାହାର ଜଠରରୁ ମୁଁ ଜନ୍ମିଥିଲି
ବକ୍ଷରୁ ଯାହାର ମୁଁ ଭୋକ ମାରିଥିଲି।।

ସିଏ ମୋ' ବୋଉ ପରା,
ଯାହାର କୋଳେ ମୁଁ ହସିଥିଲି
ଏକ ପଥିକର ବେଶ ସାଜିଥିଲି।

ସିଏ ମୋ' ବୋଉ ପରା,
ଯାହାର ପ୍ରଚେଷ୍ଟାରେ ମଣିଷ ମୁଁ ହେଲି
ଅତୀତର ବେଳାଭୂମିରୁ ଉତ୍ପଳ ଉଠାଇ ଥିଲି।

ସିଏ ମୋ' ବୋଉ ପରା,
ଯାହାର ମୁହଁରୁ ମୁଁ ଦରୋଟି କଥା ଶିଖିଥିଲି
ଜୀବନ ଭାଷାକୋଷ ଏକାନ୍ତରେ ପଢ଼ି ଦେଇଥିଲି।

ସିଏ ମୋ' ବୋଉ ପରା,
ଲୁହରୁ ଯାହାର ସୁଧା ମୁଁ ପିଇଥିଲି
ସମାଜ ବିଷଦୃଷ୍ଟି ଏଡ଼େଇବାରେ ସକ୍ଷମ ହେଲି।

ବୋଉ ମୋର , ବୋଉ ମୋର
କେତେ ପ୍ରାଣ କେତେ ପ୍ରାଚୁର୍ଯ୍ୟ
ଅମା ଅନ୍ଧକାର ଏକାକୀ ମୁଁ ଟପିଗଲି।

ବୋଉ ମୋର, ବୋଉ ମୋର
ମଣିଷକୁ ଚିହ୍ନିବାର ମନ୍ତ୍ର ମୁଁ ଶିଖିଥିଲି
ନିଷିଦ୍ଧ ଆତ୍ମଲିପିକୁ ପ୍ରକାଶିବାରେ ପ୍ରୟାସିଲି।

ସିଏ ମୋ' ବୋଉ ପରା
ଯାହାର କୋଳ ଯେ ମୋ' ସ୍ୱର୍ଗ
ଅମୃତକୁ ତୁଚ୍ଛ କରି କ୍ଷୀର ତା'ର ପିଇଥିଲି।

ଭୁବନେଶ୍ୱର

# ସ୍ୱପ୍ନରେ ବୋଉ

ଚନ୍ଦ୍ରା ମିଶ୍ର



ଆଜି ଏଇ ସକାଳର ପାହାନ୍ତି ପହରେ
ବୋଉ, ତୁ' ପୁଣି ଆସିଗଲୁ ମୋରି ସ୍ୱପ୍ନରେ
ମୋ' ଲୁହ ପୋଛି ଦେଇ କହିଲୁ ମା' ମୋର କାନ୍ଦେନା
କିଛି  କ୍ଷଣ ପାଖେ ବସି ହସି ଦେଲୁ ଅନେଇ ଅଗଣା
କଛି ସମୟ ପରେ  ପୁଣି ଚାଲି ଗଲୁ ଛାଡ଼ି ମତେ  ଧୀରେ
ସାଉଁଳେଇ ମୋ' କେଶର ଗଣ୍ଠି ତୋର ଆଙ୍ଗୁଳି ଭିତରେ ।

ମୁଁ  ଅନାଇ ରହିଗଲି ତୋ' ଯିବା ବାଟକୁ  ବିକଳେ
ଖୋଜେ ତତେ ଦିନ ରାତି ଘରେ ଓ ବାହାରେ
ବାଡ଼ି ଆଡ଼ ଟଗର ,ପିଜୁଳି , ବରକୋଳି ଗଛ ମୂଳେ
ଖୋଜିବୁଲେ ତୋ' ପେଟରା , ଆଉ ସିଂଧୁକ ଭିତରେ
ଦେଖିପାରେ ତୋର ଶିଙ୍ଗ ପାନିଆ ଆଉ ଫରୁଆଟେ !
ଚାପି କୋହକୁ ଭାବେ ଆସିବୁ କି ଗାଧେଇବା ପରେ ?
ନାଇବାକୁ ସିନ୍ଦୂର ଟୋପା ତୋର ସେଇ ଘନ କେଶର ସୁନ୍ଥାରେ
ଓଢ଼ଣାଟି ଟାଣି ଦେଇ ହସିଦେବୁ ପାନଖିଆ ନାଲିଆ ପାଟିରେ ।

ତୁ' କିଆଁ ଚାଲିଗଲୁ  ଛାଡି଼ ଦେଇ ଦୁନିଆରୁ ମତେ
ଦଶ ମାସ ବାର ଦିନ ହୋଇଥିଲା ବୋଧହୁଏ ସତେ
ମାଆ ଆଉ ଛୁଆର ସମ୍ପର୍କ ଅଛି କେତେ ଜନମର
ଯୋଉଠି ଥିଲେବି ତୁ' ଦେଖି ଦେଉ ଲୁହ ମୋ' ଆଖିର
ହୁଏତ ନ ସହି ପାରୁ ମୋ' ମନର କୋହ ଆଉ ଲୁହ
ଆସିଲୁ ସରଗ ଛାଡି଼ ଆଜି ପରା ନ ଛାଡ଼ି ମୋ' ମୋହ ।

ଫିଲାଡେଲ୍ଫିଆ, ଆମେରିକା



# ପାରିଦିଅ ପଣତ

## ସୁମିତା ବେହେରା ବାପି

କାହିଁକି କେଜାଣି ବୋଉ
ମନେ ପଡ଼ିଗଲେ ତୁମେ
ଆଖି କୋଣେ ଲୁହ ବୁନ୍ଦେ ଜକେଇ ଆସେ,
ତୁମ ସେ ମମତା ଭରା
ସଜଳ ଆଖିର ମାୟା
ଜୋର୍ କରି ମନରେ ମୋ' ଧସେଇ ପଶେ।
କୋଳ ଛଡ଼ା ହେଲା ଦିନୁ
ବେସୁରା ଜୀବନ ସୁର
ଛିନ୍ନ ତା'ରେ ବାଜେ କି ଗୋ ଜୀବନ-ବୀଣା ?
ହସର ପ୍ରଲେପ ତଳେ
କେତେ କୋହ କେତେ ଲୁହ
ଅଭିନୟ ଆଜି ହୁଏ ମୋର ଗହଣା ।
କେତେ ରୂପ ଦୁନିଆରେ
ଦେଖିଛି ଅନୁଭବିଛି
(ହେଲେ) ତୁମ ପରି ଆଉ ଜଣେ ନାହିଁ କେହି,
କ୍ଲାନ୍ତ ଅବସନ୍ନ ମନ
ନିଦ ଅଛି ନାହିଁ ସ୍ୱପ୍ନ
ପାରିଦିଅ ପଣତ ତୁମ ବୁଜେ ଆଖି।

ଭୁବନେଶ୍ୱର

# ବୋଉ ପାଇଁ ପଦେ

## ସୌମେନ୍ଦ୍ର କୁମାର ଦାସ



ସ୍ନେହମୟୀ ଜନନୀ ଗୋ,
ତୋ' ପଣତକାନି ଧରି ପୁଣି ଥରେ ରାସ୍ତା ଚାଲିବାକୁ
କେତେ ଯେ ବ୍ୟାକୁଳ ମନ ମୋର ।
ତୁ' କାହୁଁ ଜାଣିବୁ?
ତୋ' କୋଳରେ ମୁଣ୍ଡ ରଖି
ଦେଖନ୍ତି ଆକାଶର ଜହ୍ନମାମୁଁକୁ
ଆଉ ଶୋଇ ଯା'ନ୍ତି ବହୁ ପ୍ରତୀକ୍ଷିତ ପ୍ରଶାନ୍ତିର ନିଦ
ହୁଏତ ଜହ୍ନମାମୁଁକୁ ଏ କଥାଟି ଭଲ ଲାଗିଲାନି
ସେଥିପାଇଁ କିବା ମୋତେ ଏତେ ଶୀଘ୍ର ବଡ଼ କରିଦେଲା ।
କିନ୍ତୁ କାହିଁକି?
ସେ ମଧ୍ୟ ବିଶାଳ ଆକାଶ କୋଳରେ
ମୁଣ୍ଡ ରଖି ଶାନ୍ତିରେ ଶୋଇଛି
କାହିଁ ମୁଁ ତ ଦିନେ ଅଭିଯୋଗ କରିନି ?
ତଥାପି ତାକୁ ଭାରି ଭୟ
ସେଥିପାଇଁ କିବା ମେଘର ଚାଦର ଢାଙ୍କି ଦିଏ ନିଜ ଉପରେ
ଯେମିତି କେହି ତାକୁ ଦେଖି ପାରିବେନି ।

ତୋ' ହାତରନ୍ଧା ଖାଇବାକୁ ଏ ମନଟା
କାହିଁ କେଉଁ ଯୁଗରୁ ବାଟ୍ଡେଇ ଛାଟି ହେଉଛି
ତଥାପି କାହିଁକି ଯେ ଏ ଦୂରତା ଜାଣି ପାରୁନି ।
ମୋର ମନେ ଅଛି
ସବୁବେଳେ ଘରର ପୁରୁଣା ଆଲ୍ ବମ୍ କାଢ଼ି
ମୋର ପିଲାଦିନ ଫଟୋ ସବୁକୁ
ହାତରେ ଧରି ଘଣ୍ଟା ଘଣ୍ଟା ଦେଖୁ ।
ସତ କହୁଛି,
ବଡ଼ ହେବାକୁ ଜମା ବି ଇଚ୍ଛା ନାହିଁ
ସବୁବେଳେ ଛୋଟ ପିଲା ହୋଇ
ତୋରି କୋଳରେ ମୁଣ୍ଡ ରଖି ଶୋଇରହନ୍ତି ।
ଯଦି ପୁନର୍ଜନ୍ମ ବୋଲି କିଛି ଥାଏ,
ତାହେଲେ ତୋରି କୋଳରେ ବାରମ୍ବାର ଜନ୍ମ ନେବି
ଠାକୁରଙ୍କୁ ଏତିକି ପ୍ରାର୍ଥନା
ମୁଁ ଆସିବି ମାଆ !!!
ମୁଁ ନିଶ୍ଚୟ ଆସିବି !!!

**ନାଇଜର୍ , ଜଟଣୀ, ଖୋର୍ଦ୍ଧା**

# ଜହ୍ନଟିଏ

**ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ**



ପଢ଼ା ବହିର ଥାକରେ
ମାମା ବହି ସଜାଡ଼ି ରଖେ,
ଗଣିତ, ଇତିହାସ, ଭୂଗୋଳର
ମଲାଟ ନ ଚିରିବାକୁ
ତାଗିଦ କରି କୁହେ,
ରାତିରେ ମୋତେ ସେ ଜହ୍ନ ଦେଖାଏ
ବଉଳା ଗାଈ ଗପ କହି
ମୁଣ୍ଡ ଆଉଁସି ଶୋଇଦିଏ,
ମୁଁ ଟିକେ ରାଗିଲେ
ମତେ ହସେଇବାକୁ
ଭୋକ ଶୋଷ ସେ ଭୁଲିଯାଏ !

ମୁହଁ ଦେଖି କହିପାରେ
ସେ ମୋ' ମନର କଥା
ପୁଣି ପ୍ରେରଣାଦାୟୀ ମାଆ ସାଜି
ସମାଜକୁ ଦେଇପାରେ ବାର୍ତ୍ତା,
ସେ ମନର କାଗଜରେ
ଲେଖିପାରେ ଉପନ୍ୟାସ
ନିଜେ ସାଜିଯାଏ କବିତାର ଧାଡ଼ି
ପୁଣି କେବେ ଅକୁହା ଗପର ଶୀର୍ଷକ,
ତାକୁ ଲେଖିବାର ପ୍ରୟାସ କରି
ପକେଇ ପାରିଲିନି ପୂର୍ଣ୍ଣଚ୍ଛେଦ
କମାଟିଏ ଦେଲେବି
ରୋକିପାରିଲିନି ତା'ର ସ୍ରୋତକୁ !

ସେ ତ' ଖୋଲା ଆକାଶରେ ଜହ୍ନଟିଏ
ସୂତା ଶାଢ଼ୀ ପିନ୍ଧା ଦେବୀଟିଏ
ହସର ପସରା ମେଲାଇ
ଦୁଃଖ ସବୁ ଏକା ସେ ସହିଯାଏ
ତଥାପି ସେ ହସୁଥାଏ,
ମୋ' ପାଇଁ ସ୍ୱପ୍ନ ଦେଖୁଥାଏ
ପରୀ ରାଇଜର ରାଜଜେମା
କରିବାକୁ ଛୋଟ ଆଶାଟିଏ
ଲୁଚି ଲୁଚି ସଂଚାରୁଥାଏ |

**ଜାରକା, ଯାଜପୁର**

# ବୋଉ

## ଡ଼ ଆଭାଞ୍ଜଳି ଶତପଥୀ



ସେ କୋଉ ଚାଉଳରେ ଗଢା କେଜାଣି
ନାଁ ଟା ବି ଠିକ୍ କି ଦେଲାନି
ପୁଚି, ମୁଚି, ଗୁଲୁ, ପୁଲୁ, ଟୁଟୁ, କୁଟୁ
ଯାହା ଯେତେବେଳେ ପାଟିକୁ ଆସିଲା
ମୋତେ ହଁ ଟେ ମାରିବାକୁ ପଡ଼ିଲା
ଏବେ ସେ ସବୁ ନାଁ ନାହିଁ
ନେମ୍ ପ୍ଲେଟ୍ ବା ମୋ' ସାର୍ଟିଫିକେଟରେ
କିନ୍ତୁ ଏବେ ପରିଣତ ବୟସରେ
ସେ ଶ୍ରଦ୍ଧାର ଝରଣା ଗୁଡିକୁ ମୁଁ ଅହର୍ନିଶି ଝୁରେ ।

ତା'ର ତ' ସେଇ ଗୋଟିଏ ନାଁ
ସେ ପୁଣି ପୋଡିଂ ହଜି କୁଆଡେ ଗଲାଣି
ଲତା ଭଳି ମାଡି ଯାଏ ମୋ ନାଆଁରେ
ଲାଙ୍ଗୁଡ଼ ଧରେ ମୋ' ନାମରେ
ଚୁଟିଆ ବୋଉ, କାହ୍ନୁଆ ମା', ରିମା ମମି,
ଫିରଦୋସ୍  ଅମ୍ମି, କାମେଶ୍ୱରୀ ଆମା,
ପ୍ରତିମା ଆଇ, ଶୋଭନା ମାମା
ସନ୍ଧି ଶବ୍ଦର ଶବ୍ଦାର୍ଥରେ।

ମୋ' ଆଲୁରା ବାଲୁରା ଜଟକୁ ତେଲମାଖି
ସଜାଡ଼ି ବାନ୍ଧୁଥିବା ବେଳେ
କଳୁଥାଏ କେବେ ମୋର
କେଶ ଲମ୍ବା ହେବ ବର ଓହଳ ପରିକା
ହେଲେ ତା'ର ଦୋମୁହାଁ ବାଳ କେରାଟିରେ
ପାନିଆଟା ଘଷି ଦେଲାବେଳେ
ନା' ବଳେ ତେଲ ନା ଥାଏ ବେଳ।

ନିୟମ ଛନ୍ଦିଦିଏ ମୁଁ ତା'ର
ନୂଆଁ ଶାଢ଼ୀକୁ ମାରା କରିବି ବୋଲି
ମୋ' ହାତ ଫୁଲିଯାଏ
ନୁଆ ପିନ୍ଧ ଚିମୁଟା ଖାଇ ଖାଇ
ତା' ଲୁଗା ତା' ପାଖକୁ ଆସେ
ଧୋତୋଡ଼ା କତରା ହୋଇ
ଯେବେ ମୋର ମ୍ୟାଚ ଉପରେ ପ୍ୟାଚ ସରିଯାଏ।

ବାପା ଦେଇଥିବା ମାସିକିଆ ସଉଦା ହିସାବରୁ
ହାତ ସଫେଇ କରେ ବଡ଼ କୌଶଳରେ
ଲୁଚିଲୁଚି ବଣିଆ ପାଖରେ
ଗଢ଼ାଉ ଥାଏ କେତେ ଗହଣା ଗାଣ୍ଠି
ଆଉ ମୋ' ବାହାଘର ବେଳେ
ତା' ପେଡ଼ିରୁ ବାହାର କରେ
ମୋ' ମାପର ବାହୁଟି ଦୁଇଟି ।

*ଅବଶିଷ୍ଟ ଅଂଶ ପରବର୍ତ୍ତୀ ପୃଷ୍ଠାରେ...*

ସେଇ ଥିଲା ତା' ପ୍ରଥମ ଓ ଶେଷ ହସ
ମୋ' କୁଁଆ କୁଁଆ କାନ୍ଦରେ ଏନ୍ତୁଡି ଶାଳରେ
ବାସ୍ ତା ପରେ ତ
ମୋ' ଲୁହ ତା' ଆଖି
ମୋ' ଅସଫଳତାରେ ତା' ଛାତିରୁ ଅତଡ଼ା ଖସେ
ମୋ' ନିନ୍ଦା ତା' ଅଜାଗା ଘାଆକୁ କାଟେ ।

ଆଶା ତା'ର ଆକାଶ ଗଙ୍ଗା
ଛୁଆ ମୋର କାଳିଆ ଘୋଡ଼ାରେ ଚଢ଼ିବେ
ଉଡ଼ାଜାହାଜରେ ବୁଲିବେ
ଆମ ଆଖିରେ ପୁଣି ସେ ଦେଖିବ ବିଶ୍ୱ ବ୍ରହ୍ମାଣ୍ଡ
ସେଥି ପାଇଁ ତା'ର ସବୁ ଗହଣା ଗାଣ୍ଠି
ସେ ଜମିଦାର ପଖରେ ଦେଇଛି ବନ୍ଧକ ।

ଗିର୍ଜାଘରେ ଅଧ୍ୟାପଢ଼େ,
ଦରଘାରେ ଚାଦର ଘୋଡ଼ାଏ
ଛୋଟେଇ ଛୋଟେଇ ବାଇଶି ପାହାଚ ଚଢ଼େ
ମୋ' ରୋଗ ବାଧିକାରେ
ମୋ' ସୁଖଶାନ୍ତି ମନାସି
ତା'ର କାହିଁ କୋଉଠି ଅଛି ନିଜସ୍ୱ
ଅସ୍ତିତ୍ୱ?

ଚେନ୍ନାଇ

# ବୋଉ



**କଳ୍ପନା ମିଶ୍ର**

ବୋଉ.......

ନୀଳ ଆକାଶରେ ଧ୍ରୁବ ତାରା ତୁ' ଗୋ
ଚଉରାରେ ସନ୍ଧ୍ୟା ଦୀପ,
ଦଗ୍ଧ ନିଦାଘରେ ପାଣି ଟୋପେ ପରି
ସ୍ପର୍ଶରେ ନାଶୁ ତୁ' ପାପ ।

ମୋ' ଶ୍ରାବଣୀ ଆଖିର ବାରି ଧାରା ତୁ'
ବାସନ୍ତୀ ମଳୟ ବାଆ,
ଶରତ ଆକାଶେ ପୂର୍ଣ୍ଣ ଇନ୍ଦୁ ସମ
ଜୀବନେ ଦେଖାଉ ରାହା ।

ହିମ ପ୍ରଭାତର କାକର ବିନ୍ଦୁ ତୁ'
ସାଗରଠୁ ବି ଗଭୀର,
ତୋ' ପଣତ କାନି ଶ୍ରୀମନ୍ଦିର ନେତ
ଅସୀମିତ ଭରସାର ।

ପାଦ ଦୁଇ ତୋର ଗଙ୍ଗା ଗୋଦାବରୀ
ହିମଗିରି ତୋ' ହୃଦୟ,
ତୋ' ଆଶୀର୍ବଚନ ଜୀବନ ପଥରୁ
ଦୂର କରେ ସର୍ବ ଭୟ ।

ଜୀବନ ମରୁରେ ମରୁଝର ପରି
ମେଣ୍ଟାଉ ଦୁଃଖର ତୃଷା,
ମମତାମୟୀ ବୋଉ ତୁ' ମୋହର
କରୁ ଅମୃତ ବରଷା ।

ଦିନଟିଏ ନୁହେଁ ପ୍ରତି ଦିନ ହେଉ
ମୋ' ପାଇଁ ମାତୃ ଦିବସ,
ଚରଣ ତଳେ ତୋ' ମୋର ବଇକୁଣ୍ଠ
ଥିବାଯାଏ ମୋର ଶ୍ୱାସ ।

**ମାର୍କୋଣା, ବାଲେଶ୍ୱର**

# ବୋଉ



**ଗାୟତ୍ରୀ ବେହୁରା**

ହସ ପଛପଟେ ଛୁପି ରହିଥିବା
ଦୁଃଖକୁ ଯେ' ଜାଣିପାରେ,
ଅନ୍ତର ଭିତର ନୀରବ ଭାବକୁ
ଚିହ୍ନି ପାରେ ସହଜରେ ।

ଯେତେ ଖାଇଲେ ବି ବଳାଇ ବଳାଇ
ଖୁଆଇ ସେ ଦେଇଥାଏ,
ସବୁ ଅଭିନୟ ତା'ର ନିକଟରେ
ଧରା ପଡିଯାଇ ଥାଏ ।

ସ୍ନେହବୋଳା ତା'ର କଥା ପଦଟିଏ
ରୋଗ, ଶୋକ କରେ ଦୂର,
ସ୍ୱର୍ଗସୁଖ ସବୁ ମିଳିଯାଇ ଥାଏ
ପାଶେ ଥିଲେ ନିରନ୍ତର ।

ମମତାର ସିଏ ପ୍ରତିଛବିଟିଏ
ସଭିଙ୍କ ହୃଦେ ତା' ସ୍ଥାନ,
ସବୁ ପରିସ୍ଥିତି ସମ୍ଭାଳିଥାଏ ସେ
ତେଜି ମାନ ଅଭିମାନ ।

ମୁଦ୍ରିତ ନୟନେ ଯା'ର ଛବି ଦିଶେ
'ବୋଉ' ସେହି ପ୍ରୀତିମୟୀ,
ତା' କୋମଳ ସ୍ପର୍ଶ ଅମୂଲ ମୂଲ ଯେ
ସଂସାରେ ତୁଳନା ନାହିଁ ।

କଟକ



# ବୋଉ

ଡା: ବିଧୂତ୍ ଶେଖର ମିଶ୍ର

ସ୍ନେହ ସଞ୍ଜିବନୀ ମମତା ଅବିର
କଥାରୁ ଝରେ ଯା' ମହୁ
ଅବିଚଳିତା ସେ ସକଳ ଜଞ୍ଜାଳୁ
ସ୍ନେହ କାଙ୍ଗାଳି ମୋ' ବୋଉ ॥

ତା' ହାତ ପରଶେ ଧୋଇ ହୋଇଯାଏ
ସକଳ ଯାତନା କ୍ଲେଶ
ତା' ପଣତ ତଳେ ଶାନ୍ତି ସୁର ତୋଳେ
ପରାଣେ ଜାଗେ ଉଲ୍ଲାସ ॥

ଅଝଟ ହେଲେ ସେ କୋଳରେ ଶୁଆଇ
ଗାଏ ଜହ୍ନମାମୁଁ ଗୀତ
ରୋଗ ବେଳେ ରହି ରାତି ଉଜାଗର
ପାନ କରେ ସବୁ କଷ୍ଟ ॥

ପେଟକୁ ଚିହ୍ନି ସେ ଆହାର ଯୋଗାଏ
ମୋ' ଦୁଃଖେ ଝରେ ତା' ଲୁହ
କେଉଁ ଉପାଦାନେ ଗଢା ତା' ଶରୀର
ଧନ୍ୟ ତା' ସନ୍ତାନ ମୋହ ॥

ଅନାବିଳ ପ୍ରେମ ବନ୍ଧନରେ ବନ୍ଧା
ଦୁର୍ଲଭ ତା'ର ଜୀବନ
ତା' ଚରଣେ ମଥା ରହୁ ଅବନତ
"ବୋଉ" ତୁ' ସଂସାରେ ଧନ୍ୟ ॥

ପାରଳାଖେମୁଣ୍ଡି, ଗଜପତି

# ମା' ପାଇଁ ଚିଠି

**ସୁପ୍ରିୟା ପଣ୍ଡା**



ମା' ମୁଁ କାଳେ ଦେଖିବାକୁ ଠିକ ତୁମପରି,
ଥରେ ଖାଲି ଆସନ୍ତ କି ଫେରି ?

ମନ ନାହିଁ ତୁମର କି ଦେଖିବାକୁ ମତେ ?
କିଛି ବାଟ ଚାଲିବାକୁ ଦିଅ ତୁମ ସାଥେ ।

ଆଈ କହେ ତୁମେ ଏବେ ଦୂର ରାଜ୍ୟ ରାଣୀ,
ଆଖି ଖୋସିଯାଏ ମୋର ସ୍ୱପ୍ନ ବୁଣିବୁଣି ।

ଅପଲକେ ଅନିଦ୍ରରେ କେତେ ପୁଣି ଦିନ,
ଯେତେ ରତୁ ଆସୁନାହିଁ ତିଳେ ବ୍ୟବଧାନ ।

କୋଳେ ବସି ଥରେ ଖାଲି ଜିଇଥା'ନ୍ତି ଯୁଗ,
ନାହିଁ ମୋର ଅଭିମାନ ଟିକିଏ ବି ରାଗ ।

କେତେ ସୁଖ ପ୍ରାଚୁର୍ଯ୍ୟର ଅସରନ୍ତି ବାଲି,
ସବୁଥିଲେ କ'ଣ ହେବ ଶୁନ୍ୟସ୍ଥାନ ଖାଲି ।

ଟିକେ ଝଡ଼ ପବନରେ ବାୟା ବସା ମୋର,
କିଏ ଅଛି ମୋ ଥଣ୍ଟରେ ଦେବାକୁ ଆହାର ?

ଯେତେ ସବୁ ଆଲିଙ୍ଗନ ମିଛ ଲାଗେ ମତେ,
ଟିକେ ତୁମ ଛୁଆଁ ପାଇଁ କୁଆଁକୁଆଁ ଡାକେ ।

ମନେ ନାହିଁ କେଉଁପରି ଥିଲା ସେହି କ୍ଷଣ,
ତୁମ କୋଳେ ନିର୍ଭୟରେ କଟିଥିବା ଦିନ ।

ଇଛା ହୁଏ ଉଡ଼ିଯିବି ତୁମରି ରାଜ୍ୟରେ,
ତୁମ ସ୍ଥାନ କେହି କ'ଣ କେବେ ଭରି ପାରେ ।

ଦୂର ସେଇ ଦିଗବଳୟେ ଆଖି ପାଏ ନାହିଁ,
ଥରେ ଖାଲି ଦେଖିବାକୁ ମନ ହାଇଁ ପାଇଁ ।

ତୁମ ଶାଢ଼ୀଥାକର ସେ ମିଠା ମିଠା ବାସ୍ନା,
କେତେ ଲାଳାୟିତ ମୋର ଚିରକାଳ ତୃଷ୍ଣା ।

କିଛି ଛୋଟ ଅଭିଯୋଗ ତାଲିକା ମୋହର,
ତୁମେ ଯଦି ଦେଖିବନି ଦୁଃଖ ନାହିଁ ମୋର ।

ଦେଇଯାଅ ମତେ ତୁମ ଆଶିଷର ବଳ,
ଅଳ୍ପ ଟିକେ ଉଷୁମତା ତୁମରି ସେ କୋଳ ।

ଥରେ ଖାଲି ଆସି ମତେ ଦେଖି ଦେଇଯାଅ,
ମୋ' ମନର ସବୁ କଷ୍ଟ ଦୂର କରିଦିଅ ।

**ରସୁଲଗଡ଼, ଭୁବନେଶ୍ୱର**



# ବୋଉ

## ଅରୁଣ କୁମାର ମହାପାତ୍ର

ତୃପ୍ତିର ପ୍ରତୀକ ସିଏ
ବୁଝିଥାଏ ଅନ୍ତର ବେଦନା
ପଢ଼ିପାରେ କୋହର ପୃଷ୍ଠାକୁ
ନ ଖୋଲି ବି ବନ୍ଦ ମଲାଟକୁ ।
ରାଗ ରଷା ଅଭିଧାନ ବହିର୍ଭୁତ ଯା'ର
କୋଳାଗ୍ରତ କରେ ଯିଏ
ବିପଦର କରାଳ ରୂପକୁ
ଘୋଡ଼େଇ ତା' ପଣତେ ଶାବକ ସମୁହେ।
ଧନ୍ୟ ସ୍ରଷ୍ଟା କି କୁହୁକେ
ଗଢ଼ିଛ ସେ ପାର୍ଥିବ ଶରୀର
ଯା' କାନିରେ ପୋଛିଦେଲେ ମୁହଁ
ଲିଭିଯାଏ
ଯୁଗାନ୍ତ ନିରାଶର ଅମାବାସ୍ୟା ଛାୟା
ଫୁଟିଉଠେ ପୂର୍ଣ୍ଣମୀର ଚାନ୍ଦ
ଚିକ୍ ଚିକ୍ ବିଜୁଳି ଚମକେ
ବହେ ବସନ୍ତ ମଳୟ।
ମନର ନିଭୃତ କୋଣରେ
ଡାକିଦେଲେ ଥରେ 'ବୋଉ' ଶବ୍ଦ ମୁଖେ
ଦିନ ଦିନ ଭୋକର ଯନ୍ତ୍ରଣା
ଛପିଯାଏ
ନିରୋଳାରେ ଛାତିତଳେ ତା'ର ।
କେଉଁଠୁ ଆସଇ ହସ ଧାର ତା'ର ମୁଖେ?
ସତେକି ଜାଣେ ସେ ଯାଦୁ
ନିର୍ବାପିତ ହୁଏ ଯେଣୁ ଅସହ୍ୟ ଯନ୍ତ୍ରଣା
ତା' କୋମଳ କୋଳ ଟାଣେ ନିଦ ରାଇଜକୁ
ନଦେଖି ବି ସ୍ୱର୍ଗ ସୁଖ ହାତର ସ୍ପର୍ଶରେ ।

ବୈଜ୍ଞାନିକ ଅଧିକାରୀ, ଭାରତ ସରକାର
ଅଶ୍ୱପୁରମ, ତେଲେଙ୍ଗାନା

# ବୋଉ ହାତଟଙ୍ଗା କ୍ୟାଲେଣ୍ଡର

ସୁପ୍ତି କର



ମୋ' ବୋଉ ପୁରୁଣା କ୍ୟାଲେଣ୍ଡର ବାହାର କରି
କାନ୍ଥରେ ନୂଆ କ୍ୟାଲେଣ୍ଡର ଟାଙ୍ଗୁଥିଲା
କେଉଁ କ୍ୟାଲେଣ୍ଡରରେ ରାଧାକୃଷ୍ଣ, ଲକ୍ଷ୍ମୀନାରାୟଣ ତ ଆଉ କେଉଁଥିରେ ଶିବ ପାର୍ବତୀ
ସେଇ ଈଶ୍ୱର ଈଶ୍ୱରୀ ଯୋଡ଼ିଙ୍କର ଫଟୋକୁ ଖୋଜୁଥିଲା
କଲମ ଖଣ୍ଡିକୁ ତା'ର ଥରିଲା, ଶୁଖିଲା, କନକଚମ୍ପା ପରି ଆଙ୍ଗୁଠିରେ
ଜାବୁଡ଼ି ଧରି କ୍ୟାଲେଣ୍ଡରରେ ଦାଗ ଲଗାଇଲା
ମୁଁ ହସିଦେଇ ପଚାରିଲି ବୋଉଲୋ କଣ ମନେ ରଖୁଛୁ
କି ଏତେ ମହତ୍ତ୍ୱପୂର୍ଣ୍ଣ ତାରିଖରେ ଗୋଲ ବୁଲାଉଛୁ
ବୋଉ କହୁଥିଲା
ମୋ' ବାୟା, ମୋ' ଧନ ମନୋଜ କି ଆଉ ମନେ ରଖିବି
ତୋ' ବାପାଙ୍କ ଶ୍ରାଦ୍ଧ, ମୋର ଏକାଦଶୀ ତାରିଖରେ ଚିହ୍ନ ଆଙ୍କୁଛି
ମୋତେ ମନେ ହେଉଥିଲା ବୋଉ କ୍ୟାଲେଣ୍ଡରରେ ନୁହେଁ
ହୃଦୟରେ ଅଙ୍କିତ କ୍ଷତକୁ ଆଉଟିକେ ଉଖାରୁଛି
ବୋଉ ଆଖିରେ ଆଖିଏ ଲୁହଭରି କହୁଥିଲା
ତୋ' ବାପା ଗତସନ ଛାଡ଼ିଗଲେ
ହେଲେ ଫି ବର୍ଷ ପରି ଏଥର ବି ତୋ' ବାପାଙ୍କ ଉପହାର ପାଇଛି
ରଙ୍ଗୀନ ଶାଢ଼ୀ ବଦଳରେ  ଫିକା, ସାଦା ଶାଢ଼ୀ
ବିବାହ ବାର୍ଷିକୀ ଭୋଜି ବଦଳରେ ନିର୍ଜଳା ଏକାଦଶୀ
ସାଥୀବିହୀନ ଜୀବନର ଅଣ ଲେଉଟା ସ୍ମୃତି, ଅଭିଯୋଗ, ଅଭିମାନ,
ତା'ର କାନ୍ଦୁରା ଆଖି ଦୁଇଟି ବଖାଣୁଥିଲେ
ବୋଉ ସକେଇ କାନ୍ଦୁଥିଲା
ତା' ଆଖିର ଲୁହ ସହିତ
ବୋଉ ହାତଟଙ୍ଗା କ୍ୟାଲେଣ୍ଡରରୁ ଦିନଟିଏ ଖସି ପଡୁଥିଲା
ନୂଆବର୍ଷ ଆସିଥିଲା
ମୋ' ମନ ଅଗଣାରେ ଖୁସିଥିଲା
କାହିଁକି ନା ରୋଜି ସହ ଦେଖା ହୋଇଥିଲା
ପାର୍କର ସିମେଣ୍ଟ ବେଞ୍ଚରେ
ତା'ର କଳାଘନ ମେଘଭଳି କେଶର ବାସ୍ନାରେ ଆଜି ପଖାଳି ହୋଇ ଫେରୁଥିଲି
ବୋଉ ହାତ ଟଙ୍ଗା କ୍ୟାଲେଣ୍ଡରରେ ମୁଁ ଦାଗ ଦେଉଥିଲି

*ଅବଶିଷ୍ଟ ଅଂଶ ପରବର୍ତ୍ତୀ ପୃଷ୍ଠାରେ...*

ରୋଜିର ଜନ୍ମଦିନ, ଆମ ପ୍ରଥମ ଭେଟର ତାରିଖ, ତା' ଭଉଣୀର ଜନ୍ମଦିନ,
ତା' ବାପାମା'ଙ୍କର ବିବାହ ବାର୍ଷିକୀ ଆଦି ଆଦି ଆଦିରେ
ମୁଁ ଗୋଲ ବୁଲାଉଥିଲି,
କାଳି ବଦଳ ଥିଲା
ବୋଉର କଳା ଆଉ ମୋର ଗୋଲାପି କାଳି
ରୋଜିର ଫରମାଇସ୍ ବଢୁଥିଲା
ଏଣେ ମୋ' ପକେଟର ଓଜନ ଖସିବା ସହିତ
ବୋଉ ହାତଟଙ୍ଗା କ୍ୟାଲେଣ୍ଡରରୁ ଦିନଟିଏ ଖସିପଡୁଥିଲା ।
ଦିନ ଗଡୁଥିଲା
ହେଲେ ଫରକ ଏତିକି ଥିଲା
ମୋ' ମୁଣ୍ଡ ଉପରେ ଛାତ ନଥିଲା
ଘରର ଚାରି କାନ୍ଥରେ ମୋ' ଛାଇ ଅଶରୀରୀ ପରି
ମୋତେ ଡରାଉ ଥିଲା
ଚାରିକାନ୍ଥ ବାହାରେ ରୋଜି ହାତଠାରି ଡାକୁଥିଲା
ଏପଟେ ବୋଉର ଓଠ ଲୁହ ପିଉଥିଲା
ଛାତଟିଏ ଟାଣିବାକୁ ଦରାଣ୍ଡି ହେଉଥିଲି ମୁଁ
ହେଲେ ଅସମ୍ଭବ ଲାଗୁଥିଲା
ବୋଉ ତା'ର ଉଷୁମ କୋଡ଼ରେ
ମୋ' ମୁଣ୍ଡ ସାଉଁଳି ବୋଧ ଦେଉଥିଲା
କହୁଥିଲା ଧନରେ, ମନଉଣା କାହିଁ କରୁଛୁ
ବାପା ସିନା ଠକିଦେଇ ଚାଲିଗଲେ
ହେଲେ ତୋ' ବୋଉ ତ' ଅଛି
ବୋଉର ପଣତର ବାସ୍ନା, ପଖାଳମୁଠା
ଆଉ ହାତର ପରଶରେ କି ମ୍ୟାଜିକ ଥିଲା କେଜାଣି
ମୋ' ଭିତରେ ବିଶ୍ୱାସଟିଏ ଘର କରୁଥିଲା
ବୋଉ କ୍ୟାଲେଣ୍ଡରରେ ମୋ' ବାହାଘର ତାରିଖ
ଘର ପ୍ରତିଷ୍ଠାର ଦିନ ଖୋଜୁଥିଲା
ମୋ' ଆଖିରୁ ଆନନ୍ଦାଶ୍ରୁ ଝରୁଥିଲା
ତା' ସହିତ ବୋଉ ହାତଲଗା କ୍ୟାଲେଣ୍ଡରରୁ ଦିନଟିଏ ଖସିପଡୁଥିଲା ।

ଜେ. ଏନ ଲେନ, ରାଉରକେଲା

# ମୋ' ବୋଉ

**ରମେଶ ଚନ୍ଦ୍ର ମିଶ୍ର**



ମୋ' ବୋଉ ଦୁନିଆରେ ସବୁଠୁ ସୁନ୍ଦର
ମିଠା ମିଠା କଥା ତା'ର
ଓଠରେ ହସର ଧାର
ଅମୃତ ପରଷିଦିଏ ମନ ଚୈତନ୍ୟରେ
ଲହୁଣୀଠୁ କୋମଳ ଏ ବୋଉ ଶବ୍ଦ
ରହିଥାଏ ଜିହ୍ୱା ଅଗ୍ରେ
ନିରବଧି ନିଦ୍ରା ଚେତନରେ ।

କୋଉ କୁହୁକର ଅଞ୍ଜନ ଲଗାଇଥିଲା
ମୋ' ଆଖିରେ ଯେ
ଆଖି ବୁଜିଦେଲେ ସେ ଭାସିଆସେ
କଳ୍ପଲୋକର ଏମିତି ବି କୋଉ ଦେବୀ ନାହିଁ
ଯିଏ ମୋର ବୋଉଠାରୁ ମହନୀୟ ଦିଶେ
ନିଦ୍ରା ଜାଗରଣେ ସେ ମୋର ପରମ ଆରାଧ୍ୟା
କେମିତି ନହୁଅନ୍ତା ଯେ !
ସେ ପରା ଛାଇ ଭଳି ପାଖେପାଖେ ରହି
ଦୂରକରେ ସାବଲୀଳ ବଂଚିବାର ଯେତେ ଅସୁବିଧା ।

ମୋ' ବୋଉ ଦେବୀ ନାରାୟଣୀ,
ଏତେ ଶକ୍ତି ନଥିଲେ କି
ଦୂର ଆକାଶର ଚୋପା ଜହ୍ନ
ଧରାଇଦିଏ ମୋ' ହାତରେ ଆଣି ।

ବୋଉ ମୋର ଅର୍ଣ୍ଣପୂର୍ଣ୍ଣା ମନ୍ତ୍ର ଜାଣିଥିଲା
ସେଥିପାଇଁ ସିନା ମାଣେ ଚାଉଳର ଭାତରେ
ଆମ ପାଞ୍ଚ ଭାଇଭଉଣୀଙ୍କ ପେଟ ପୂରୁଥିଲା
ତଥାପି ଆମର ତା' ଲୁଣଲଙ୍କା ଗୋଳା
ପାଖାଳ କଂସାର ଅବଶେଷ ଭାତ
ଅମୃତ ତ ଚାଖିନାହିଁ
ଦୁନିଆରେ ପାଇନାହିଁ ତାହାଠୁ ସ୍ୱାଦିଷ୍ଟ ।

ରୋଗରେ ପଡ଼ିଲେ କେବେ
ସେ ମୋର ଛାଇ ହୋଇଯାଏ
ବେଗେ ଭଲ ହେବାପାଇଁ
ଦିଅଁ ପାଖେ ମୁଣ୍ଡ ପିଟି ଲୁହଭରା ଆଖିରେ
କେତେ କ'ଣ ମନାସୁଥାଏ
ମୋ' ବୋଉ ହାତରେ ଯାଦୁମନ୍ତ୍ର ଥିଲା
ଅଭୟ କୋଳରେ ମୁଣ୍ଡ ରଖିଦେଇ
ଟିକିଏ ଆଉଁସି ଦେଲେ
ଅଧେ ରୋଗ ଭଲ ହେଉଥିଲା ।

*ଅବଶିଷ୍ଟ ଅଂଶ ପରବର୍ତ୍ତୀ ପୃଷ୍ଠାରେ...*

ବୋଉ ଆଉ ମୋ' ପାଖରେ ନାହିଁ
ମଲାଟ କାଗଜ ଭଳି ମୋ' ଜୀବନର
ସବୁ ଦୁଃଖ ଦୁର୍ଦ୍ଦଶାକୁ ଶୋଷିନେଇ
ଆଦରିଛି ଅଫେରା ରାଇଜର ଭୂଇଁ
ମୋ' ବୋଉ ପରି ଆଉ କିଏ ହେବ ?
କକବାୟା ଗୀତର ସୁରରେ
ସାଂସାରିକ ଦୁଃଖ ଦୈନ୍ୟ ଝଡର ରାତିରେ
ମୋ' ଆଖିରେ ନିଦ ଭରିଦବ ।

ଏମିତି ହୁଅନ୍ତା କି
ଠାକୁରେ ମୋତେ ବରଟେ ଯାଚନ୍ତେ
ମୁଁ କହନ୍ତି-
ସେଇ ମୋର ବୋଉ ହୋଇ
ଜନ୍ମେଜନ୍ମେ ମିଳୁ
ଠାକୁରେ ତଥାସ୍ତୁ କହନ୍ତେ ।

ତାପସ କୁଟୀର
ବଇଣ୍ଡା, ଅନଗୁଳ

# ମାଆ ଶବ୍ଦ ଚମତ୍କାର



ହାସ୍ୟମୟୀ ରାଜ୍

ଜନମ ଦିଏ ସେ ଜୀବନ ବି ଦିଏ
ମମତାର ପାରାବାର
ତା 'ପଣତ କାନି ଦୁଃଖକୁ ଘୋଡାଏ
ମାଆ ଶବ୍ଦ ଚମତ୍କାର ।।

କ୍ଷମା ଧୈର୍ଯ୍ୟ ଆଉ ସହନଶୀଳତା
ମନ୍ତ୍ର ଘୋଷେ ବାରବାର
ସନ୍ତାନ ବେଦନା ବ୍ଯଥାକୁ ଦେଖିଲେ
ବହେ ଲୁହ ଧାର ଧାର ।।

ଚାଲୁଥାଏ ନିତ୍ଯ ନିଷ୍କାମ ସେବାକୁ
କରି ଜୀବନର ପଣ
ଧନ୍ଯ ସେ ପୁଅ ତା ସେବାରେ ଯିଏ
ଢାଳି ଦେଇଥାଏ ପ୍ରାଣ ।।

ଅନ୍ତିମ କାଳେ ଜରା ନିବାସରେ
ଦିନ ବିତେ ଯଦି ତାର
ଧ୍ବଂସ ଲେଖୁଥାଏ ସନ୍ତାନ କପାଳେ
ତପ୍ତ ତା ଅଶ୍ରୁଧାର ।।

ପ୍ରକୃତ ମଣିଷ ବୋଲାଇବ ଯଦି
ପୋଛ ତା'ର ଆଖି ଲୁହ
ସ୍ବର୍ଗ ଦେବାଦେବୀ ସନ୍ତୁଷ୍ଟ ହୋଇବେ
ଛୁଟିବ ଶାନ୍ତିର ସୁଅ ।।

ତା ପୁଣ୍ଯ ଆଶିଷ ଲାଭ କରିବାକୁ
ସଦା ହୁଅ ଆଗଭର
ଜୀବନରେ ଯେତେ ଘାତ ପ୍ରତିଘାତ
ସବୁ ହୋଇଯିବ ଦୂର ।।

ଓରାଳି, ହାଟଡିହି, କେନ୍ଦୁଝର

# ବୋଉର ପଣତ କାନି

**ହରିବନ୍ଧୁ ମଙ୍ଗରାଜ**

ବୋଉର ପଣତ ନୀଳଚକ୍ର ନେତ
ଅଭୟ କବଚ କାନି
ଝାଳ ଧୂସରିଆ ମୁହଁକୁ ପୋଛଇ
କାନ୍ଦୁଥିଲେ କରି ତୁନି..................

ରୁଷି ଯାଉଥିଲେ ପଛରେ ଗୋଡ଼ାଏ
ବାପାଲୋ ବାପାଲୋ କହି
ସାଇତା ଦରବ ଧରି ଡାକୁଥାଏ
ଖାଇଦେ ଖାଇଦେ ତୁହି
ନାଇଁ ନାଇଁ କଲେ ଚୁମା ଦେଇ ଗାଲେ
କୁହଇ ଯା'ତୁ ମାନି......................

ଅଝଟ ହୋଇଲେ ବାପା ଜାଣିବେରେ
ଆକଟି ମାରିବେ ତୋତେ
ସହି ପାରିବିନି ତୋ ବିକଳ ଡାକ
ଭାରି ବାଧିବରେ ମୋତେ
ପିଠିକି ଆଉଁସି କୋଳକୁ ସାଉଁଟି
ବୋଧକରେ ବୋଲି ଧନୀ...............

# ମାଆ, ସକଳ ଶକ୍ତିର ଉତ୍ସ

**ରତ୍ନପ୍ରଭା ବାଇ**

ଅମୃତମୟ ସେ ଦୁଇଟି ଅକ୍ଷର
ଅପୂର୍ବ ମଧୁର ଶବ୍ଦ
ବାତ୍ସଲ୍ୟ ପ୍ରେମର ପବିତ୍ର ପରଶେ
ସଭିଙ୍କୁ କରିଛି ମୁଗ୍ଧ ।

ମମତାର ମଧୁ ଝରେ ବିନ୍ଦୁବିନ୍ଦୁ
ସେଇ ନାମଟିରୁ ଆହା
ସନ୍ତାନ ତା' ପାଇଁ ପ୍ରାଣଠୁ ଅଧିକ
ସଦା କାଳେ ହୁଏ ସାହା ।

ତା' ବକ୍ଷରେ ଭରା ଅମୃତର ଧାରା
ଅନ୍ତରେ ଅମାପ ସ୍ନେହ
ନିଜକୁ ନିଗାଡ଼ି କର୍ମ ନାମେ ସେବା
କରି ଚାଲେ ଅହରହ ।

ତା' ଚିରା ପଣତ ନୀଳଚକ୍ର ନେତ
ହୃଦୟ କେତେ ବିଶାଳ
ଜନନୀ ନାମେ ସେ, ଜାଗ୍ରତ ପ୍ରହରୀ
ସନ୍ତାନ ସୁରକ୍ଷା ବଳ ।

ସେବା ତ୍ୟାଗର ସେ ଚଳନ୍ତି ପ୍ରତିମା
କରୁଣା କୋଳ ବିସ୍ତାରି
ଜଞ୍ଜାଳର ବୋଝ ବୋହି ବାଟ ଚାଲେ
ମଙ୍ଗଳ କାମନା କରି ।

ହେଉ ରାଜାରାଣୀ ଅବା ଭିକାରୁଣୀ
ଏକା ତା'  ସେନେହ ପ୍ରେମ
ସାରା ସଂସାରରେ ଅତୁଳନୀୟା ସେ
ଦୁର୍ମୂଲ୍ୟ ମାଆର ନାମ ।

ମାଆଟିର ଚିତ୍ର ଗଙ୍ଗାଠୁ ପବିତ୍ର
ହିମଗିରିଠାରୁ ଉଚ୍ଚ
ସୀମାହୀନ ନୀଳ ସାଗର ପ୍ରତୀକ
ସକଳ ଶକ୍ତିର ଉତ୍ସ ।

କି' ଭାଷାରେ ସତେ ବର୍ଣ୍ଣି କେଉଁ ମତେ
ଦେବି କାହା ଉପଲକ୍ଷ
ମୋ' ଆଖିରେ କାହିଁ ଜଣେ ଦିଶୁନାହିଁ
ହେବାକୁ ତା' ସମକକ୍ଷ ।।

ସଂପାଦିକା - ବର୍ଣ୍ଣାଳୀ ସାହିତ୍ୟ ସଂସଦ
ତାଳଚେର ଟାଉନ, ଅନୁଗୁଳ

# ବୋଉ

ସେବତୀ ପରିଡା

ବିଛୁ.......ରୁବି.......
ଏବେ ବଡ଼ ହୋଇଗଲେଣି
ବିଛୁ ହୋଇଗଲାଣି ବାପା
ରୁବି ହୋଇଗଲାଣି ମାଆ
ତୁମେ ଥିଲାବେଳେ
ରୁବି ଯେମିତି ଯେତୁଟିଏ ହୋଇଥିଲା
ତା ଝିଅ ଠିକ୍ ସେମିତି ଆଉ
ସେତୁଟିଏ ହୋଇଗଲାଣି ,
ହେଲେ......ଆଜି ବି ସେମାନେ
ଝୁରୁଛନ୍ତି ତୁମକୁ ........,
ମନେ ପକାଉଛନ୍ତି ସେଦିନ କଥାକୁ
ସ୍କୁଲରୁ ଫେରି କେମିତି
ଲୋଟିପଡୁଥିଲେ ତୁମ କୋଳରେ
କେମିତି ତୁମେ ସ୍ନେହବୋଳା ହାତରେ
ଆଉଁସି ଦେଉଥିଲ
ତାଙ୍କ ଅଲରା ବାଳକୁ.........,

ବୋଉ.........!
ମହାଭାରତର କୁନ୍ତୀ ମାଆ ପରି
ସେଦିନ ତୁମେ ବାହାରି ଆସିଥିଲ
ଆମ ସାଥିରେ.........
ପ୍ରବାସରେ ତୁମ ଅଭୟ ପଣତ ତଳେ
ଆମେ ବିତାଇଛୁ କେତେ ସୁଖର ଦିନ,
ହେଲେ......ଅଧାବାଟରେ ବସାଇ ଆମକୁ
ଚାଲିଗଲ କେଉଁ ଅଜଣା ରାଇଜକୁ......
ଗଲ ଯେ ଗଲ .....ଆଉ ଫେରିଲନି,
ତୁମେ ଗଲା ପରେ........
ଅନେକ ଭାବିଛି କିଛି ଲେଖିବି........
ତୁମପାଇଁ..... ତୁମ ସୁଗୁଣକୁ ସୁମରି......
ବର୍ଷ ପରେ ବର୍ଷ ବିତିଗଲାଣି.......
ହେଲେ ପାରିନି ବୋଉ........
ପଦେ ବି ଲେଖି ପାରିନି........
ବାରମ୍ବାର ମୁଁ ହାର ମାନିଯାଏ
ତୁମ କଥା ଭାବିଲା ମାତ୍ରେ
ମୋ' କଲମ  କେଜାଣି କାହିଁକି ଅଟକିଯାଏ ।

ସ୍ନେହ ନିଳୟ ,ବୋଲଗଡ , ଖୋର୍ଦ୍ଧା

# ବୋଉ ମୋ' ଜୀବନ

## ଯମେଶ୍ୱର କହଲସିଂହ



ବୋଉ ମୋ' ଜୀବନ
ଆଦ୍ୟ ଓଁକାର
ମଗୁଶୀର ଗୁରୁବାର ,
ଅମନ୍ଦଗାମିନୀ
ନଦୀ ମନ୍ଦାକିନୀ
ସ୍ୱଚ୍ଛ ସଲିଳ ଧାର ।

ରାଗ ରୁଷା ଆଉ
ମାନ ଅଭିମାନେ
ଆଖି ହେଲେ ଛଳଛଳ,
ବୋଉ ଆଉଁସିଲେ
ଅପସରିଯାଏ
ବେଦନାର ମେଘମାଳ ।

ଚଉରା ମୂଳରେ
ବୋଉ ଯେବେ ମୋ'ର
ଝୋଟି ଚିତା ଆଙ୍କିବସେ,
ପୂରୁବ ଆକାଶ
କଅଁଳ ଓଠରୁ
ସକାଳ ସୁରୁଜ ହସେ ।

ବୋଉ ଠାରୁ ବଳି
ଏଇ ଦୁନିଆରେ
ଆପଣାର କେହି ନାହିଁ
ନିତି ସଞ୍ଜବେଳେ
ଠାକୁର ଘରେ ସେ
ଜଳେ ସଞ୍ଜଦୀପ ହୋଇ ।

ନିଶ୍ୱାସରେ ସିଏ
ବିଶ୍ୱାସରେ ସିଏ
ସବୁଠି ବୋଉର ଛାଇ,
କର୍ମରେ ଧର୍ମରେ
ଆଶିଷରେ ତା'ର
ଫୁଲ ଫୁଟି ମହକଇ ।

ପାହାନ୍ତି ପହର
ପଣକିଆ ବୋଉ
ସଂସ୍କାରର ପୂଜାବେଦୀ
ସନ୍ତାନ ପାଇଁ ସେ
ଶାନ୍ତ ଶୀତଳ
ଅନ୍ତଃସଲିଳା ନଦୀ ।

ଆଶିଷରେ ତା'ର
ଥୁଣ୍ଟା ଗଛରେ
ପତର କଅଁଳେ ନିତି
ଯେତେ କହୁଥିଲେ
ଊଣା ହେବ ତା'ର
ସେନେହ, ମମତା, ପ୍ରୀତି ।

ସିଏ ସୁରଭିତ
କଦମ୍ବ କାନନ
ଆକାଶର ରୁପା ଜହ୍ନ
ଶ୍ରାବଣ ପାଲଟେ
ତା' ପାଖେ ଫଗୁଣ
ମନ ଗୋପ, ବୃନ୍ଦାବନ ।

ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା

# ବୋଉ

**ସନ୍ୟାସୀ ନାୟକ**



ଆଁ କଲେ ଅନ୍ତ ଦିଶେ,
ହସିଦେଲେ ଅମୃତ ବରଷେ,
କାନ୍ଦିଲେ ଯା' ବସୁଧା ତରଳେ,
କୋଳ କଲେ
ଉଷୁମ ଉଷୁମ ଲାଗେ .....

ଯେ ତୋରାଣି ପିଇ
ପଖାଳ ସାଇତିଥାଏ,
ପୁଅ ତା' ଆସିବ
ନିଆଁଲଗା ଭୋକ ମେଣ୍ଟାଇବ,
ଗାଁ ସାରା ଡିଣ୍ଡିମା ପିଟଇ ପୁଅ ତା'ର
ନଗରରେ ନାଗର ହୁଅଇ .....

ଦୁଃଖ ସବୁ ସରିଯିବ
ବାବୁଲା ତା' ଚାକିରି କରିବ,
ନୂଆଁ ସକାଳଟିଏ ଆସି
ତେଲ ଲୁଣ ଦୁନିଆଁ ହସିବ ....

ଶ୍ରୀ ଅକ୍ଷର ବିବର୍ଜିତା
ବରୁଣାଇ ପାହାଡ଼
ମୋ' ଅପାଠୋଇ ବୋଉ,
ସରଳ ଉଦାସୀ ମନର
ସୁତାଖିଅଟିଏ,

ଯେ ରୁପା ଜହ୍ନର
ଆଇନାରେ ....
ଭବିଷ୍ୟତର ରୂପ ଦେଖେ,
ଖଜୁରୀ ଗଛର ଛାଇରେ
ବୋଉ ମୋ' ସ୍ୱପ୍ନ ଦେଖେ ...

ପୋଡା ରୁଟିର ଗନ୍ଧରେ
ବର୍ତ୍ତମାନକୁ ଭୁଲି ଯାଏ,
ସେ କେହି ନୁହେଁ
ମୋ' ବୋଉ
ମୋ' ବୋଉ

**ଚକ୍ଷୁ ଚିକିତ୍ସା ସହକାରୀ**
**ପୋଡ଼ାସାହି, ମୁକୁନ୍ଦପ୍ରସାଦ, ଖୋର୍ଦ୍ଧା**

# ବୋଉ ଲୋ ବୋଉ

**ପ୍ରଜ୍ଞା ମହାନ୍ତି**



ବୋଉ ଲୋ ବୋଉ
ମନକଥା ସବୁ ପଢି ତୁ' ନେଉ
ଡାକିବା ଆଗରୁ ପଣତ ବଢାଇ
ଚୁପଚାପ୍ ଠିଆ ହୋଇ ତୁ' ଥାଉ।
ନ କହୁଣୁ ଦେହ ଝାଉଁଳା ଖରାରେ
କଂସେପଖାଳ ବାଢି ତୁ' ଦେଉ
କାହାଠାରୁ ଆଶା ଆଶ୍ୱାସ ନରଖି
ଏତେ ମିଠାପଣ କେଉଁଠୁ ପାଉ !
ବୋଉ ତ'.......
ନାଲିସିନ୍ଦୂର ରୋଷେଇ ଘର
ଦାନଧରମ ପୁଣ୍ୟକରମ
ସଂଜଆଳତି ଦଧିନଉତି
ଚଞ୍ଚଳପଣତ ଅଳସ ହସ
ଜାଳୁଥାଏ ଦୀପ ରହି ଉପାସ।
କା' ନାଲିଆ ରାଗକୁ କେ' ଅମିଶା ଶାଗ
ସ୍ନେହରେ ସନ୍ତୁଳି କରୁ ତୁ' ବାଗ
ଏତେ ଅଦଉତି କେମିତି ସହୁ
ତୋ' ବିନା ଘର...ଆଗକୁ ଭାବି ହୁଏନା ଆଉ ।
ବୋଉଲୋ ବୋଉ...
ବୋଉ ଡାକ ପରା ଠେକିଏ ମହୁ
ଆମ ପିଢିପରେ ବୋଉ ଶବ୍ଦଟି
ଲିଭି ନଯାଉ,
ଅଖଣ୍ଡ ଦୀପହୋଇ ହୃଦମନ୍ଦିରେ
ସେ ଜଳୁଥାଉ ।

ମାତୃ ନିବାସ, ମାତୃ ବିହାର
ବୁଢ଼ାରାଜା, ସମ୍ବଲପୁର

# ବୋଉ.....

ସୁବାସିନୀ ପଟ୍ଟନାୟକ

ସ୍ନେହ ମମତାର ଗନ୍ତା ଘର ତୁହି
ସାଥୀ ମୋ' ସୁଖଦୁଃଖର
ତୋ' ତ୍ୟାଗ ଜୀବନେ ପାରିବିନି ସୁଝି
ଚିର ଋଣୀ ମୁଁହି ତୋ'ର।।
ଆଦର୍ଶରେ ତୋର ଗଢା ମୋ' ଜୀବନ
ଥିଲୁ ମହନୀୟା ତୁହି
ତୋ' ପରି ଉଦାର ମନା ଏ ଜଗତେ
ବୋଧେ ଆଉ କେହି ନାହିଁ।।
ତୋ' ଅତୁଟ ସ୍ନେହ ନୀତି ଓ ଆଦର୍ଶ
ସଦା ଉପଦେଶ ତୋ'ର
ପଙ୍କିଳ ଜୀବନ କରି ଆଲୋକିତ
ଅଛି ହୋଇ ଅଗ୍ରସର।।
ଜୀବନ ସଳିତା ତିଳତିଳ ଜାଳି
ମଣିଷ କରିଛୁ ତୁହି
ତୋ' କୋଳେ ଜନମି ନିଶ୍ଚେ ଭାଗ୍ୟବତୀ
ଭାବୁଅଛି ଆଜି ମୁହିଁ।।

ପ୍ରତି ମୁହୂର୍ତ୍ତରେ ତୋ'ର ଉପଦେଶ
ଆଜି ବି ତ ମନେପଡ଼େ
ସ୍ନେହର ଡୋରିରେ ବାନ୍ଧିଥିଲୁ ତୁହି
ଆଖିରୁ ମୋ' ଲୁହ ଗଡ଼େ।।
ଅଭୁଲା ସ୍ମୃତି ତ' ଯାଇଅଛି ହଜି
ଆଉ ସେ ଫେରିବ ନାହିଁ
ଅତୀତ ଦିନକୁ ଝୁରୁଅଛି ମନ
ପାଶେ ନାହୁଁ ଆଜି ତୁହି।।
ତୋ' ଆତ୍ମ ସମ୍ମାନ ବଡ଼ ତୋ' ପାଇଁ
ଥିଲୁ ତୁହି ସ୍ୱାଭିମାନୀ
ରହିଛୁ ରହିବୁ ହୋଇ ତୁ' ମହାନ
ସଦା ହୃଦୟରେ ପୁଣି।।
ତୁହି ଅଟୁ ମୋର ଚିର ପୂଜ୍ୟପୂଜା
ଅତି ଆଦରର ବୋଉ
ସ୍ୱର୍ଗପୁରେ ଥାଇ କର ଆଶୀର୍ବାଦ
ତୋ' ପାଦେ ମଥା ମୋ' ଥାଉ।।



# ବୋଉ ସରି ନୁହଁ କେହି

**ସୁଜାତା ପଟ୍ଟନାୟକ**

ବୋଉଟି ମୋହର କେତେ ଆପଣାର
ଆଉ କେ ନୁହେଁ ତା' ସରି
ମା' ମାମା ଆଉ ବୋଉ ସମ୍ବୋଧନେ
ଆତ୍ମତୃପ୍ତି ଯାଏ ମିଳି।
ଦୃଶ୍ୟପଟେ ନାହିଁ ମୋର ଜନ୍ମ ସିନା
ଲଭିଛି ତା' ଅଙ୍କ ଉଷ୍ମ
ତା' ବୁକୁ ପିୟୁଷ ପାନ କରି ଆଜି
ଦୃଢେ ମୁଁ ଦଣ୍ଡାୟମାନ ।
ବୋଉର ଆକଟ ସୂକ୍ଷ୍ମ ଦଣ୍ଡ ସବୁ
ଜନ୍ମାଏ ମନରେ ଭୟ
ବାପାଙ୍କ ଦଣ୍ଡରୁ ରକ୍ଷା କରିବାର
ବୋଉର ନୂଆ ଉପାୟ ।
ଆରମ୍ଭି ନାହିଁ ମୁଁ ବ୍ରାହ୍ମଣଙ୍କ ପାସେ
ବ୍ରହ୍ମା ବିଷ୍ଣୁ ମହେଶ୍ୱର
ବୋଉ ମୋ' ପ୍ରଥମ ଗୁରୁ ବନିଥିଲା
ସିଲଟ ଓ ମୋ' ଖଡିର ।
କେତେ ସରଳ ମୋ' ବୋଉର ହୃଦୟ
ଅପାଠୋଇ ଆମେ ଭାବୁ
ଅପଢ଼ା ପାଠର ଗହନ ଶିକ୍ଷାଟି
ଆଜି ମର୍ମେ ମର୍ମେ ହେଜୁ ।
ପିତାଙ୍କ ସଙ୍ଗିନୀ ସନ୍ତାନ ଜନନୀ
ବହୁ ପଦେ ଅଭିଷିକ୍ତା
ବଂଶ ପରମ୍ପରା ରକ୍ଷାକାରିଣୀ ସେ
ଗଉରବେ ବିମଣ୍ଡିତା ।
ଆଶ୍ରୟ ଦାତ୍ରୀ ମୋ' ବୋଉ ଆଜି ଖାଲି
ଯାଇଛି ଆଶ୍ରୀତା ସାଜି
ପ୍ରଭୁ ପଦତଳେ ସ୍ଥାନଟିଏ ମିଳୁ
ନିବେଦନ କରେ ଆଜି।

# ଅମୃତ ସମାନ ନାଆଁଟି ତା'ର

**ରୋଜାଲିନ ପଟ୍ଟନାୟକ**



ଅମୃତ ସମାନ ନାଆଁ ଟି ତା'ର
ମୋ' ବୋଉ ତ ସିଏ ଅଟଇ ସୁଧା,
କାହା ପାଇଁ ନୁହେଁ ସିଏ ତ ପର
ତା ସ୍ନେହ ନୁହଁଇ କା' ପାଇଁ ବାଧା।

ଅମୃତ ସମାନ ନାଆଁଟି ତା'ର
ମୋ' ବୋଉ ତ ସିଏ ଅଟଇ ସୁଧା ।୧।

ପାଠଟି ସିନା ତା' ଟିକିଏ ଊଣା,
ଶାଠରେ ତାହାର ନାହିଁ କଳନା;
ରନ୍ଧାବଢ଼ା ଠାରୁ ଘର କରଣା,
ତା' ସାଥେ ଏଥିରେ କେହି ବଳେନା;
ତା' କୋଳଟି ମୋର ସରଗ ପୁର
ମମତାରେ ଭରା ତା'ର ଶରଧା।

ଅମୃତ ସମାନ ନାଆଁଟି ତା'ର
ମୋ' ବୋଉ ତ ସିଏ ଅଟଇ ସୁଧା ।୨।

ସୁନ୍ଦର ତା'ର କଥାଟି ଅତି,
ସୁନ୍ଦର ତା'ର ଭକତି ପୂଜା
ସୁନ୍ଦର ତା'ର ସଂସାର ପ୍ରୀତି
ସୁନ୍ଦର ତା'ର ବାଡ଼ି ବଗିଚା।
ଶାଗ, ମୁଗ, ଫଳ ପରିବା ଫଳାଇ
ଦୂରକରେ ପରିବାର ଅସୁବିଧା

ଅମୃତ ସମାନ ନାଆଁଟି ତା'ର
ମୋ' ବୋଉ ତ ସିଏ ଅଟଇ ସୁଧା ।୩।

ଦେବତାଙ୍କ ପ୍ରିୟ ଅଟେ ଯେ ଅମୃତ
ଯାହାକି ତାଙ୍କର ଜୀବନ ବଟିକା ,
ଦୂର କରେ କଷ୍ଟ ମୋ' ବୋଉ ନାମ ତ
ତା' ପାଖରେ ମୋର ଜୀବନ ନାଟିକା;
ହାତଟି ତାହାର ମୋ' ମଥାରେ ଥିଲେ
କଟି ଯାଇଥାଏ ଯେତେ ସବୁ ବ୍ୟଥା।

ଅମୃତ ସମାନ ନାଆଁଟି ତା'ର
ମୋ' ବୋଉ ତ ସିଏ ଅଟଇ ସୁଧା ।୪।

ଏଏଏ, ଖୋର୍ଦ୍ଧା

# ମାଆ

(ଶିଶୁ କବିତା) (ଛନ୍ଦ -ରାମକେରୀ)

**କାହ୍ନୁଚରଣ ମିଶ୍ର**



ମାଆ ବୋଲି ଯେଉଁ ନାଆଁଟି
ସତେ ବାଛିଛି କିଏ
ଅତି ଯତନରେ ପାଳିଛି
କେତେ ସହିଛି ସିଏ ।
କେତେ ଦେବା ଦେବୀ ମନାସି
କରି ଓଷା ଉପାସ
ମନରେ ଆମକୁ ଦେଇଛି
ଶକ୍ତି ଆଉ ସାହସ ।
ଚାହିଁ ରହିଥିବ ଆମକୁ
ଦାଣ୍ଡ ଦୁଆରେ ବସି
ଦେଖି ଦେଲେ ସେହି ଆମର
ମୁଣ୍ଡ ଦିଏ ଆଉଁସି ।

ଖାଇ ନଥିଲେ ସେ ଚାହିଁଥେ
ପିଲେ ଆସିଲା ଯାଏଁ
ପିଲାଙ୍କ ଖାଇବା ସରିଲେ
ଯାଇ ଖାଇସେ ଥାଏ ।
ହେଲେ କେବେ ଦେହ ଖରାପ
ଜଗେ ଅନିଦ୍ରା ହୋଇ
ମାରଇ ମୁଣ୍ଡିଆ ଦିଅଁଙ୍କୁ
ଶୀଘ୍ର ଆରୋଗ୍ଯ ପାଇଁ ।
ଆମପାଇଁ କେତେ କରିଛି
ତା'ର କଳନା ନାଇଁ
ମାଆ ମୂଲ କେବେ କିଏସେ
ଦେଇ ପାରିବ ନାହିଁ ।

ପୂଜନୀୟା ବନ୍ଦନୀୟା ସେ
କେତେ ପବିତ୍ର ନାଆଁ
ବିପଦ ପଡିଲେ ପ୍ରଥମେ
ତୁଣ୍ଡେ ଆସଇ ମାଆ ।
ସକଳ ତୀର୍ଥ ତା' ଚରଣେ
ପୁରି ରହିଛି ସଦା
ସେବା କରୁଥିବା ମାଆକୁ
ଆମେ ସଦା ସର୍ବଦା ।
ମାଆ ପରି କିଏ ହେବନି
ଏଇ ସଂସାରେ ଆଉ
ଶୁଝି ପାରିବାନି ତା' ଋଣ
ଯେତେ ଜନମ ନେଉ ।

**ଟାଙ୍ଗି, ଖୋର୍ଦ୍ଧା**



# ମା

**ଶକୁନ୍ତଳା ପଣ୍ଡା**

ମମତାର ହୃଦେ କଳ କଳ ନାଦ,
ମାତୃତ୍ୱର ଛନ୍ଦେ ସେ ଶୁଭ ସମ୍ବାଦ ।।
ଜୀବନର ଗାଥା ପୋଥି ପୁରାଣ,
ଏନ୍ତୁଡ଼ି ଶାଳରୁ ଶେଷ ଶ୍ମଶାନ ।।
ଛଅଟି ଋତୁରେ ସାତଟି ରଙ୍ଗ,
ତାହାରି ପରିଶେ ସୁଖର ସଙ୍ଗ ।।
ଆଖିର ଲୁହକୁ ଲୁଚାଇ ମନେ,
ଖୁସିର ସମ୍ଭାର ପଣତେ ଆଣେ ।।
ଆଶିଷ ତାହାର ବିଜୟ ଢ଼ାଲ,
ହାତ ରନ୍ଧା ତାର ଅଟେ ନିର୍ମାଲ୍ୟ ।।
କିଏ ଯେ ବର୍ଣ୍ଣିବ ସଂଜ୍ଞା ମାତାର,
ଇଶ୍ୱରଙ୍କୁ ଯାହା ନୁହେଁ ଗୋଚର ।।
ତାହାରି ପୟରେ କୋଟି ପ୍ରଣାମ,
ଜୀବନ୍ତ ଠାକୁର ପୁଣ୍ୟ ସେ ଧାମ ।।
ତୁମକୁ ଯେ ରାଣ ରହିଲା ମୋର,
କରିବନି କେବେ ବି ମାଆକୁ ପର ।।

ଭୁବନେଶ୍ୱର

# ବୋଉ

## ସୂର୍ଯ୍ୟକାନ୍ତି ଦାଶ

ବୋଉ ଶବ୍ଦଟିର
ସଂଜ୍ଞା ଯେ ବ୍ୟାପକ
କେହି ପାରେନାହିଁ କଳି,
ପ୍ରାରମ୍ଭ ଜୀବନ
ମଧୁମୟ କରେ
ସହି ସନ୍ତାନର ଅଳି ।
ମମତା ସାଗରେ
ସଦା ସେ ଡୁବାଏ
ନରଖି ମନେ ପ୍ରତ୍ୟାଶା,
ଦୁଃଖରେ ସୁଖରେ
ଆଲୋକ ଅନ୍ଧାରେ
ସିଏତ ଏକା ଭରସା ।
କେତେ ଗଭୀରତା
ହୃଦୟ ତାହାର
କଳନା ଯେତାର ନାହିଁ,
ତା' ସୃଷ୍ଟି ହସରେ
କାନ୍ଦରେ ବିଭୋର
ଭରସା ଜଗତସାଇଁ ।
କରିସେ ସଂକଳ୍ପ
ଦେବାଦେବୀ ପୂଜେ
ମନାସୀ ସନ୍ତାନ ହିତ,
ପୁଅ ଝିଅପରା
ସମାନ ଅଟନ୍ତି
ଏହାହିଁ ନିରାଟ ସତ୍ୟ ।
ତାପଣତ କାନି
ସେ ଦିଗବାରିଣୀ
ସତେକି ମନ୍ଦିର ନେତ,
ସମୟର ସ୍ରୋତ
ଚିରନ୍ତନ ସତ୍ୟ
ବାର୍ଦ୍ଧକ୍ୟରେ ଉପନୀତ ।
ଅଭୁଲା ଅତୀତ
ସ୍ୱପନେ ଆଗତ
ଛାୟା ମାୟା ଅବିରତ,
ସେହି ଯେ ଅତୀତ
ତାର ଭବିଷ୍ୟତ
ଚରଣେ ତା ପ୍ରଣିପାତ ।

ଯାଆଁଳା, ଖୋର୍ଦ୍ଧା



# ମୋ' ବୋଉ

ପଦ୍ମନାଭ ପାଣିଗ୍ରାହୀ

ବୋଉ ଡାକ ଯେ କେଡେ ମଧୁର
ଦୁଃଖ ଯାତନା ହୁଅଇ ଦୂର
ପୃଥିବୀ ଭଳି ସର୍ବଂସହା ସେହି
ଓଠର ବଚନ ମଧୁମଧୁର
ସନ୍ତାନମାନଙ୍କ ରକ୍ଷା କବଚ
ତା'ର ସ୍ନେହବୋଳା ମଧୁର କଥା
ରୋଗ ଶଯ୍ୟାରେ ଦେହକୁ ଆଉଁସେ
ଚାଲିଯାଏ ଦେହୁ ସକଳ ବ୍ୟଥା
ନିଜ ସୁଖକୁ ଜଳାଞ୍ଜଳି ଦେଇ
ଦେଇ ଆସିଅଛି ସ୍ନେହ ପରଶ
ଗଙ୍ଗାଠୁ ପବିତ୍ର ଚନ୍ଦ୍ରଠୁ ଶୀତଳ
ଅନ୍ତରୁ ପ୍ରବାହ ଶୁଭ ଆଶିଷ
ବୋଉର ପଣତ ଦିଅଇ ଆଶ୍ରୟ
ସଦାକାଳେ ଅଭୟ ପ୍ରଦାନ
କୋଳଟି ତାହାର ଦିଏ ସ୍ୱର୍ଗ ସୁଖ
ଦିବ୍ୟ ଶୀତଳ ହୃଦ ଚନ୍ଦନ
ମାଟି ଆକାଶର ସମନ୍ୱୟ ସେ
ଧନ୍ୟ ତାହାର ସେନେହ ପ୍ରୀତି
ଦୟା କରୁଣା ମୂର୍ତ୍ତିମନ୍ତ ଅବତାର
ତା' କୋଳରେ ଥିଲେ ନଥାଏ ଭୀତି
ଜୀବନ ପଥରେ ବାଟ ଚଲାଇଛି
ଆଦର, ସେନେହ, ମମତା ଦେଇ
ସଂସାର ଭିତରେ ସବୁଠୁ ସୁନ୍ଦର
ତାହାର ସମାନ କେହିତ ନାହିଁ
ପ୍ରଥମ ଗୁରୁ ସେ ଶିକ୍ଷା ଦୀକ୍ଷା ଦେଇ
ଗଢିଅଛି ଆମ ଦିବ୍ୟଜୀବନ
ସ୍ନେହ କାଙ୍ଗାଳିନୀ ମମତାମୟୀ
ଚରଣ କମଳେ କୋଟି ପ୍ରଣାମ

ଜଟଣୀ, ଖୋର୍ଦ୍ଧା



# ମାଆ

**ଅଜୟ କୁମାର ସେଠୀ**

ଆକାଶଠୁ ବଡ଼ ସାଗରୁ ଗଭୀର
ମମତା କୋଳ ଯାହାର
ସିଏ ଆମ ମାଆ ଧର୍ମପୀଠଟିଏ
ପବିତ୍ର ଗଙ୍ଗା ଆମର।
ଜଗତରେ ଅଛି ଯେତେ ଦୁଃଖ କଷ୍ଟ
ସନ୍ତାନ ପାଇଁ ମାଆ ସହେ
ଅନ୍ତଫାଡ଼ି ଜନ୍ମ ଦେଇଛି ବୋଲି ସେ
ହଳାହଳ ବିଷ ପିଏ।
ମାଆ ପରା ଆମ ଆଦ୍ୟଗୁରୁ ବୋଲି
ଜାଣିଛି ସାରା ଜଗତ
କୁନିକୁନି ଓଠେ ସେନେହ, ଶ୍ରଦ୍ଧାରେ
ଭରିଛି ଶବ୍ଦ ଅମୃତ।
ମାଆର ଆଖିରେ ଅନେକ ସପନ
ସନ୍ତାନେ ଦିଅଇ ଭରି
ଶୋଷଣ, କଷଣ ସହି ପାରେସିଏ
ଛାତିକୁ ପଥର କରି।
ମାଆ କ୍ଷୀର ଋଣ ଶୁଝିକେ ପାରେନା
ସିଏ ପରା ସ୍ୱର୍ଗାଦପି
ମମତା ପଣତ ସନ୍ତାନ ପାଇଁଟି
ଯାଏ ତିନିପୁର ଟପି ।।।

ମାଆର ସେନେହ ମାଆର ଶରଧା
ଯୁଗେଯୁଗେ ଅଛି ରହି
ତା'ର ପାଦତଳେ ମଥା ରଖିଦେଲେ
କିଛି ଆଉ ଲୋଡ଼ାନାହିଁ।
ମାଆ ପରା ଆମ ସୁଖର ଦୁଃଖର
କଳ୍ପବଟ ତ୍ୟାଗ ନଈ ।।।।।

# ବୋଉ

ପ୍ରସନ୍ନ ମଣ୍ଡଳ



ପଣତ କାନିରେ
ଝାଡିଦେଲେ ଥରେ
ଚାଲିଯାଏ ସବୁ ଡର
ତା' ହାତ ପାପୁଲି
ମଥାରେ ବାଜିଲେ
ଛାଡିଯାଏ ଥିଲେ ଜର ।

ହଳଦୀ ତେଲରେ
ହଳହଳ ଲୁଗା
ନିତି ଦିନ ଯାଏ ଭିଜି
ଏନ୍ତୁଡି ନିଆଁରେ
ତା ଅନ୍ତ ବୁଜୁଳା
ନିତି ଯାଉଥିଲା ସିଝି ।

ମୁଣ୍ଡା ଛାଞ୍ଚୁଣିକୁ
ମୁଣ୍ଡତଳେ ଥୋଇ
ଜଗିଥାଏ ସାରା ରାତି
ଓଦାକନା ପଟି
କପାଳରେ ଥାପେ
ନଖସିବା ଯାଏଁ ତାତି ।

ଭଲ ମନ୍ଦ କେବେ
ଖାଏନି ମୋ ଲାଗି
ହଜାରେ ବାରଣ ତା'ର
ବାରମାସ ସାରା
ମାନସିକ କରି
ପାଳେ କେତେ ଦିନ ବାର ।

ପଳପଳ ଘିଅ
ପିଆଇ ଦେଇଛି
ହେଲେ କାଶ ଛିଙ୍କ ଥଣ୍ଡା
ମାନସିକ ପାଇଁ
କେତେ ମନ୍ଦିରର
ବେଢାରେ କରିଛି ଲଣ୍ଡା ।

କରେ ଝଡାଫୁଙ୍କା
କଡା ପୂଜା ପାଠ
ଯାଚେ ଭାଗବତ ମେଳା
ଦୀନ ଦୁଃଖି ଦେଖି
ଦାନ ଧରମରେ
ଦିନେ ବି କରିନି ହେଳା ।

ସହିଛି ମୋଲାଗି
ନିନ୍ଦା ଅପମାନ
କେତେ ବି କରିଛି କଳି
ହେଳା କରିନାହିଁ
ଯାହା ଯେତେବେଳେ
ତା' ଆଗେ କରିଛି ଅଳି ।

ସୁନା ରୁପା ହୀରା
ସରି ହେବ ନାହିଁ
ସେ ପରା ଜଗତେ ସାର
ଶହେ ଜନମର
କୋଟିଏ ଧରମ
ବୋଉ ମୋ ଗଳାର ହାର ।

କୋଟପଲ୍ଲା, ଖୋର୍ଦ୍ଧା

# ମାଆ

## ବାବାଜୀ ଚରଣ ଜେନା



ମାଆ ତୋ' ପଣତ ତଳେ
ଏତେ ଶୀତଳତା ଛାଇ
ଜନ୍ମେଜନ୍ମେ ଚାହିଁଲେବି
ମାପି କେବେ ହେବନାହିଁ
ମାଆ ତୋ' ପଣତ ତଳେ,,,,।୦।
ଯେଉଁଠି ଦେଖୁଛି ଟିକିଏ ତ ସ୍ନେହ
ତୋ' କଥା ପଡୁଛି ମନେ
ମମତାମୟୀ ତୋ' ମୁହଁ ଦେଖାଯାଏ
ପୂର୍ଣ୍ଣମୀର ଏଇ ଜହ୍ନେ
ଯେଉଁ ଦିଗେ ଦେଖିଲେ ବି
ତୋ' ଛବି ତ ନାଚୁଥାଇ
ଲାଗେ ହାତ ଠାରି ଡାକୁ
ସେନେହ ପରଷି ଦେଇ
ମାଆ ତୋ' ପଣତ ତଳେ,,,,,।୧।
ସ୍ୱର୍ଗ ବି ତୋ' ଠାରୁ ଛୋଟ ହୋଇ ଯିବ
କିଏ ହେବ ତୋର ସମ
ଶୁଝି ପାରିବିନି ତୋ' ଋଣକୁ ମାଆ
ବାରମ୍ବାର ନେଲେ ଜନ୍ମ
ନିଜେ ନଖାଇ ତୁ' ରଖୁ
ଆସିବା ବାଟକୁ ଚାହିଁ
ମୋ' ଦୁଃଖ ଦେଖିଲେ ତୁ'
କାନ୍ଦୁଥାଉ କହିଁ କହିଁ
ମାଆ ତୋ' ପଣତ ତଳେ,,,,,।୨।

ଅହଲ୍ୟା ନିବାସ, ପୋପରଡା,
ନୂଆବଜାର, କଟକ

# ବୋଉ

**ବୀଣାପାଣି ଦେବୀ**

ବୋଉ ଶବ୍ଦ ଆଜି ହଜି ଗଲାଣି
କି କହିବି ସେହି କଥା
ପାଦ ଦୁଇ ତାର ଦେଖି ଦେଲେ ଥରେ
ଆପେ ନଇଁ ଯାଏ ମଥା
ଆମ ସମାଜରେ ଆଦିମ କାଳରୁ
ବାପା ବୋଉ ଡାକ ଥିଲା
କେଡେ ସୁମଧୁର ବୋଉ ଡାକ ଆମ
ହଜି ଡାଡି ମମି ହେଲା
ମାତା ଗର୍ଭଧାରୀ ସିଏ ଆମ ଶିରୀ
ସ୍ନେହମୟୀ  ପ୍ରେମମୟୀ
ବାତ୍ସଲ୍ଯ ପ୍ରେମ ତା ସରଗଠୁ ବଡ
ରଖେ ପଣତ ଘୋଡାଇ
ବକ୍ଷର ଅମୃତ ପାନ କରି ତୃପ୍ତ
ମାଆର କୋଳ ଝୁଲଣା
ବୋଉ ହାତ ଛୁଆଁ କରଇ କିମିଆ
କେହି ନୁହେଁ ତା ତୁଳନା

ଜନମ ବେଳରେ କୁଆଁ କୁଆଁ ଡାକି
ଲୋଟିପଡି ଭୂମିରେ
ସାଉଁଟି ନିଅଇ କେଡେ ଶରଧାରେ
ଜାବୁଡ଼ି ଧରେ କୋଳରେ
ବୋଉ ପରି କିଏ ହେବ ଆପଣାର
ଏ ଦୁନିଆ ସ୍ବାର୍ଥପର
ମାଆର ମମତା ମଧୁଠୁ ମଧୁର
ସ୍ନେହ ବିଶାଳ ସାଗର
ଶକ୍ତି ସ୍ବରୁପିଣୀ ମଙ୍ଗଳ କାରିଣୀ
ସିଏ ପରା ଆମ ବୋଉ
ବୋଉକୁ ପୁଜିବା ଆଜ୍ଞାବହ ହେବା
ମଥାରେ ତା ହାତ ଥାଉ
ବୋଉ ଡାକ ଆମ କେବେ ନଭୁଲିବା
ଜିଇଁଥିବା ଯେତେ ଦିନ
ତା ସ୍ନେହ ଡୋରିରେ ବାନ୍ଧି ହୋଇ ସର୍ବେ
ଅରଜିବା ଯଶମାନ

ବାଣପୁର, ଖୋର୍ଦ୍ଧା

# ବୋଉ ତୁ ଚାଲି ଗଲା ପରେ

ଲକ୍ଷ୍ମୀପ୍ରିୟା ମହାରଣା

ବୋଉ
ତୁ ଏମିତି ଗୋଟିଏ ଶବ୍ଦ ଯେ
ତୁ ଏମିତି ଦୁଇଟି ଅକ୍ଷର ଯେ
ତୁ ଏମିତି ହାତେ ଚାଖଣ୍ଡେ ପଣତକାନି ଯେ
ତୁ ଏମିତି ଅଧା ପୃଥିବୀଟେ ଯେ
ତୁ ଏମିତି ଅଧା ଆକାଶଟିଏ ଯେ
ତୁ ଏମିତି ଅଧା ଦେହ ଯେ
ତୁ ଏମିତି ଅଧା ମାଟି ଯେ
ତୁ ଏମିତି ଅଧା ଦେବୀଟିଏ ଯେ
ତୁ ଏମିତି ଅଧା ଈଶ୍ୱରୀଟିଏ ଯେ
ତୋ ବିଷୟରେ ଯେତେ କହିଲେ ବି
ଏ ପୃଥିବୀର ଯେତେସବୁ ଶବ୍ଦ କୋଷରେ
ଯେତେସବୁ ଅଭିଧାନରେ.......
ଶବ୍ଦ ସବୁବେଳେ ନିଅଣ୍ଟ ପଡେ........

ତୁ ତ ଏବେ ଦୂର ଆକାଶର ତାରା ଟିଏ?
ଯେଉଁଠାକୁ ଥରେ ଗଲେ ଆଉ କେବେ
ମଣିଷ ଫେରିପାରେନି
ଏବେ ତୋତେ ବୋଉ ବୋଲି ଡାକିବାକୁ
ଆମ ଦେହର ଦ୍ରାଘିମାରୁ
ଆତ୍ମାର ଅକ୍ଷାଂଶ ଯାଏ
ଶବ୍ଦ ସବୁ ନିରୁଦ୍ଦିଷ୍ଟ ।

ଧନୁପାଲି, ସମ୍ବଲପୁର

# ବୋଉ ତୁ ଚାଲିଗଲୁ......

ଆରତୀ ପ୍ରହରାଜ



ବୋଉ ତୁ ଚାଲିଗଲା ପରେ..
ହଜିଗଲା ଆପଣାର ପ୍ରିୟ ବୋଉ ଡାକ
ଲୁଚିଗଲା ପଣତର ସେ ଚିହ୍ନା ମହକ
ଶୁଭିଲାନି ତୋର ସେଇ ମିଠା ମିଠା ଗାଳି
ତୋଳିଲୁନି ହାତ ଦୁଇ ନେଲୁନାହିଁ କୋଳି
ବୋଉ ପରି କିଏ ଅଛି ବୁଝିବାକୁ ମନ
ଆପଦେ ବିପଦେ ସାହା ହେଉ ସବୁଦିନ
ତୋ ହାତ ରନ୍ଧାରେ ଥିଲା ଅମୃତ ସୁଆଦ
ମଧୁର ବଚନ ତୋର ଆହା କି ସୁଖଦ
କମନୀୟ ନମନୀୟ ସୁନ୍ଦର ମୂରତୀ
ତୋ ବିହୁନେ ବୋଉ ସବୁ ହୋଇଗଲା ଇତି
କୋଣେ କୋଣେ ଅନୁକୋଣେ ତୋହରି ସନ୍ତକ
ଅନୁଭବେ ଦେଖାଉ ତୁ ତୋହରି ପ୍ରତୀକ
ଜନମ ଦେଇଛୁ ବୋଉ ଗଢିଛୁ ତୋ ହାତରେ
ସୁମଣିଷ ହେବାକୁ ମୁଁ ଚାଲେ ପଦଚିହ୍ନରେ
ଅଫେରା ରାଇଜେ ବୋଉ ଯାଇଅଛୁ ଚାଲି
ତୋ ଆଦର ତୋ ସେନେହ ପାରିବିନି ଭୁଲି
ସାରା ଜୀବନର ସ୍ମୃତି ସବୁ ଅପାଶୋରା
ଥିଲୁ, ଅଛୁ, ରହିଥିବୁ ବୋଉ ତୁହି ପରା ।

ଭୁବନେଶ୍ୱର

# ବୋଉ ପରି ହେବ କିଏ

**କୈଳାଶଚନ୍ଦ୍ର ବେହେରା**

ବୋଉ ପରି ହେବ କିଏ,
ପ୍ରଥମ ଗୁରୁ ସେ ପାଖରେ ବସାଇ
କଥା କୁହାଇଛି ଯିଏ ।

ହାତ ଧରି ସିଏ ଚାଲି ଶିଖାଇଛି,
କାନ୍ଦୁଥିଲେ ସ୍ନେହେ କୋଳକୁନେଇଛି,
ମମତାମୟୀ ସେ ଅଭିମାନ କଲେ,
ଯାହା ମାଗିବା ସେ ଦିଏ,
ବୋଉ ପରି ହେବ କିଏ......

ରାଗ ରୁଷା କଲେ ଦିଏ ସେ ବୁଝାଇ ,
ଖୁଆଇ ଦିଏ ସେ ଜହ୍ନକୁ ଦେଖାଇ,
ଆମର ବଳକା ଅଇଁଠା ଭାତକୁ ,
ନ ଫୋପାଡ଼ି ଖାଇଦିଏ,
ବୋଉ ପରି ହେବ କିଏ.......

ଜ୍ୱର ରୋଗ ହେଲେ ବସଇ ପାଖରେ,
ଝୁଲାଇ ଦିଏ ସେ ବସାଇ କାଖରେ,
ବାଟେ ଚାଲୁଚାଲୁ ଖସିଯାଇ ଗୋଡ଼,
ଝୁଣ୍ଟିଗଲେ ଟେକି ନିଏ,
ବୋଉ ପରି ହେବ କିଏ......

ଶୁଆଇ ଦିଏ ସେ ପିଠି ଥାପୁଡ଼ାଇ,
ଫଳ କାଟିଦିଏ ଚୋପାକୁ ଛଡ଼ାଇ,
ଅଜାଣତେ ଦୋଷ କଲେ ରାଗେନାହିଁ,
ନିର୍ମଳ ହୃଦୟଟିଏ,
ବୋଉ ପରି ହେବ କିଏ.......

ସେ ବୋଉ ଚରଣେ କୋଟି ନମସ୍କାର,
ଶୁଝି ନ ପାରିବି ଉପକାର ତା'ର,
ନିର୍ଯ୍ୟାତନା ଦିଅ ନାହିଁ ତାକୁ କେବେ,
ଯେତେ ଅଛ ପୁଅଝିଏ,
ବୋଉ ପରି ହେବ କିଏ.......

**ବାଲିଗୁଡ଼ା , କନ୍ଧମାଳ**

# ମୋ' ବୋଉ

**ମଧୁଛନ୍ଦା ଦାଶ**



ମୋ' ବୋଉ ଡାକ    କେଡ଼େ ମଧୁର
ମନେ ପୁଲକ ଆଣେ
ଦୂରେଥିଲେ ମୁଁ    ସେନେହ ତା'ର
ପାଖକୁ ମୋତେ ଟାଣେ ।

ମୋ' ବୋଉର    ପଣତ କାନି
ମମତା ଧାରାଟିଏ
ସେ କାନିତଳେ    ଭିଜିଭିଜି ମୁଁ
ସରଗ ସୁଖ ପାଏ ।

ରୁଷିଥିଲେ ମୁଁ    କେତେ ଆଦରେ
ମୋତେ କୋଳେଇ ନିଏ
ସରଗ ଚାନ୍ଦ    ମାଗିଲେ ମୁଁହି
ଆଣିଦେବ ସେ କହେ

ଆଘାତ ପାଇ    କାନ୍ଦିଲେ ମୁହିଁ
ମୋତେ ଆଉଁସି ଦିଏ
ଆବେଗ ଭରା    ପରଶେ ତାର
ସବୁ ମୁଁ ଭୁଲି ଯାଏ ।

ମୋର ଫେରିବା    ବାଟକୁ ସିଏ
ଚାତକ ପରି ଚାହେଁ
କେଡ଼େ ଆଦରେ    ମୋ' ପାଶେ ବସି
ମୋତେ ଖୁଆଇ ଦିଏ

ମୋହରି ଲାଗି    ସଞ୍ଜ ସକାଳେ
ଶୁଭ ମନାସୁ ଥାଏ
ଅଳି ଅଝଟ    ସବୁ ସେ ସହେ
ତା' ପରି ହେବ କିଏ ?
ତା' ପରି ହେବ କିଏ ?

# ବୋଉ

ସୁରେଶ ଚନ୍ଦ୍ର ରଥ



ମାଆର ଅନ୍ତର ବୁଝି ପାରିଲିନି
ଦୃଷ୍ଟିରୁ ହେଲି ଅନ୍ତର
ହତାଶାର ଭାବ ଗ୍ରାସ କରିଦେଲା
ମାଆର ସାରା ଶରୀର ୧

ଆଶା ଭରସାର ଏକମାତ୍ର ସାହା
ପୁତ୍ର ସେ ବିଶିକେଶନ
କିପରି ବଞ୍ଚିବ ଚିତ୍ତ ଆନ୍ଦୋଳିତ
ତୁଚ୍ଛ ଲାଗେ ତା' ଜୀବନ ୨

ଅନୁମତି ନେଇ ଯାଇଥିଲି ମୁହିଁ
ତଥାପି ନ ମାନେ ମନ
ରେଳ ମଧ୍ୟେ ବସି ଭାବୁ ଭାବୁ ସବୁ
ସରିଗଲା ବୋଲି ଜାଣ ୩

ଦୂରଭାଷ ଯୋଗେ ଅବଗତ ହେଲି
ଜନନୀ ମୋ' ଚାଲିଗଲା
ଦୂର ଦେଶେ ପେଷି ଏକାକିନୀ ହୋଇ
ସମ୍ପର୍କ ତୁଟାଇ ଦେଲା ୪

ଚତୁର୍ଥ ପିଢ଼ିର ଦାୟାଦ ହସିଲେ
କେତେ ଯେ ଆନନ୍ଦ ହୁଏ
ଅଜସ୍ର କଲ୍ୟାଣ ଢାଳିଦେଇ ତାକୁ
ଲୋତକ ଝରାଇ ଥାଏ ୫

ମୁଣ୍ଡରୁ ମୋହର ହାତ କାଢ଼ି ନେଲୁ
କାହାକୁ ଡାକିବି ବୋଉ
କାହା ପାଦ ତଳେ ମୁଣ୍ଡିଆ ମାରିବି
ବିହି କି କଷଣ ଦେଉ ୬

କୁନି ବୋଲି ଆଉ କିଏ ସେ ଡାକିବ
ଆଶିଷ ଭରିବ ମୁଣ୍ଡେ
ବାତୁଳି ପରାୟେ ଦେହ କଥା ବୁଝି
ଆହାର କେ ଦେବ ତୁଣ୍ଡେ ୭

ସ୍ନେହବୋଳା କଥା ଭୁଲି କି ପାରିବି
ପିଣ୍ଡରେ ଥିଲେଟି ପ୍ରାଣ
ତୋ'ପରି ଜନନୀ ସଭିଙ୍କୁ ମିଳନ୍ତୁ
ପ୍ରଭୁ ପଦେ ରହୁ ମନ ୮

ଜଟଣୀ, ଖୋର୍ଦ୍ଧା

# ବୋଉ

## ନିକୁଞ୍ଜ କୁମାର ଘୋଷ

ମୋ' ବୋଉ ପରିକା ଜଗତରେ ନାହିଁ
ମୋ' ବୋଉ ଗୁଣ ବିରଳ
ଦୁଃଖ କଷ୍ଟ ପିଇ ସୁଖ ବାଣ୍ଟି ଦିଏ
ଜୀବନ ଜୀଏଁ ସରଳ ।।

ଜୀବନ ରାସ୍ତାରେ ଝଡ଼ ଝଞ୍ଜା ସହି
ଦୁଃଖ କଷ୍ଟ ପାଇଗଲ
ସନ୍ତାନ ସନ୍ତତି ଲାଳନ ପାଳନେ
ନୂତନ ଗଳ୍ପ ଲେଖିଲ ।।

ଦୁଃଖର ଛାଇକୁ ପିଲାଙ୍କ ଉପରେ
ପକେଇ ନଥିଲେ କେବେ
ନିଜେ ଦୁଃଖ ପିଇ ସୁଖ ବାଣ୍ଟିଥିଲ
ଜୀବନର ଶେଷ ଯାଏ ।।

ନ୍ୟାୟ ନୀତି ପଥେ ସଦା ରହୁଥିଲ
ଈଶ୍ବର ବିଶ୍ବାସୀ ହୋଇ
ସଭିଙ୍କୁ ଆପଣା କରି ପାରୁଥିଲ
ମଧୁର କଥାରେ ମୋହି ।।

ସ୍ନେହ ଆଦରିଣୀ ମମତା ଦାୟିନୀ
ବୋଉ ମୋ ଜଗତ ଜିତା
କରୁଣା ବରଷି ମନକୁ ହରଷି
ବୋଉ ରୂପେ ପରିଚିତା ।।

ମାଧବପୁର, ଲକ୍ଷ୍ମଣନାଥ,
ଜଳେଶ୍ବର, ବାଲେଶ୍ବର

# ବୋଉ



ପ୍ରତିମା ମହାରଣା

ସରଗଠୁ ବଡ଼ ସବୁଠୁ ନିଜର
ମମତାମୟୀ ମୋ' ବୋଉ
ଯା' କୋଳ ଝୁଲଣା ଅମାପ କରୁଣା
ସ୍ନେହ ସରାଗର ମହୁ ।।

ବୋଉ ନାମ ଅଟେ ସବୁଠୁ ମଧୁର
ମମତାର ସୁନା ଖଣି
ବୋଉ ଡାକିଦେଲେ ଓଡ଼ିଆ ପ୍ରାଣରେ
ବହିଯାଏ ମନ୍ଦାକିନୀ ।।

ମାଟିଠୁ ଆକାଶ ସବୁଠି ସରସ
ମହାନତା ଗୁଣେ ଭରା
ବୋଉ ଡାକିଦେଲେ ଜୀବନର ସବୁ
ହୋଇଯାଏ ଦୁଃଖ ପାସୋରା ।।

ମମତାର ସିଏ ଅଟେ ପୁଜାରିଣୀ
ପରିବାର ଗୃହଲକ୍ଷ୍ମୀ
ବାର ବ୍ରତ ଓଷା କରିଥାଏ ନିତି
ସଭିଙ୍କ ଶୁଭ ମନାସୀ ।।

ପୁଅ ଝିଅ ଦୁହେଁ ତା' ପାଇଁ ସମାନ
ନ ଥାଏ ମନେ ଅନ୍ତର
ନିଜେ ଲୁହ ପିଇ ପଣତେ ଘୋଡ଼ାଏ
ସଭିଙ୍କ ଦୁଃଖ ସାଗର ।।

କଥାରେ କଥାରେ ଝରୁଥାଏ ମହୁ
ମିଠାମିଠା କେତେ ରସ
ପ୍ରତି ମୁହୂର୍ତ୍ତରେ ସୁଆଦିଆ କଥା
ହୃଦେ କରିଥାଏ ବାସ ।।

ବୋଉର ପଣତ ଶ୍ରୀମନ୍ଦିର ନେତ
ନାହିଁ ଡର ନାହିଁ ଭୟ
ଯେତେ ଦୂରେ ଥିଲେ ବୋଉ ଡାକିଦେଲେ
ସର୍ବ କାର୍ଯ୍ୟେ ହୁଏ ଜୟ ।।

ବୋଉ କୋଳେ ମଥା ରଖିଦେଲେ ଥରେ
ହୋଇଯାଏ ଆତ୍ମା ଶାନ୍ତି
ବୋଉ ଡାକିଦେଲେ ବାତ୍ସଲ୍ୟମୟୀର
ଗରବେ ଫୁଲଇ ଛାତି ।।

ଦେବୀଙ୍କର ସିଏ ଚଳନ୍ତି ପ୍ରତିମା
କରିବାନି କେବେ ପର
ତା' ପଦ ସେବିଣ ଚାଲୁଥିଲେ ବାଟ
ଆସିବନି ଦୁଃଖଝଡ଼ ।।

କୋରାପୁଟ

# ବୋଉ......

**ଅଞ୍ଜଳି ଦାସ**



ବୋଉ
ଆକାଶରୁ ତୁହି ଜହ୍ନ ସାଉଁଟି ରଖିଲୁ
ତୋ' ପଣତ କାନିରେ, ମୋ' ଅଝଟିଆ ବେଳ
ଅନ୍ଧାର ରାତିରେ ଡରୁଥିବା ବେଳେ
ଲୁଚାଇ ରଖୁଥିଲୁ ତୋ' ପଣତ କାନିରେ
ଏବେ କିନ୍ତୁ ତୋ' ପଣତ କାନି ମୋ' ପାଇଁ
ବହୁତ ଛୋଟ
ମୁଁ ଉଡ଼ି ଶିଖିଗଲିଣି
ଅନ୍ତତଃ ଫେରି ପାରୁନି ତୋ' ପଣତ କାନିକୁ
ପାରୁଛୁ ତ ତୋ' ପଣତ କାନିକୁ
ଆହୁରି ବଢ଼େଇଦେ
ନଚେତ୍ ମୋ' ଡେଣା କାଟିଦେ
ସବୁଦିନ ଶୋଇଯିବି ତୋ' ପଣତ କାନିରେ.......

**ଅସ୍ତରଙ୍ଗ, ପୁରୀ**

# ମୋ' ବୋଉ ପରି କିଏ ହେବ

**ବାସନ୍ତୀ ଦେଈ**



ମୋ' ବୋଉ ପରି କିଏ ହେବ??

ଦୁଃଖ ସମୟରେ ବିପଦ ବେଳରେ
ଧୈର୍ଯ୍ୟ କେ ଆମକୁ ଦେବ।
ମନ ଦୁଃଖ କରି କାନ୍ଦିଲେ ଆମର
ଆଖି ଲୁହ କେ ପୋଛିବ ।୧।
ପଣତ ତୋହର ଆମରି ପାଇଁ କି
ଥିଲା ନୀଳଚକ୍ର ବାନା
ତୋ' ହସହସ ମୁହଁ ଦେଖିଦେଲେ ଥରେ
ଦୁଃଖ ହୋଇଯାଏ ଉଣା ।୨।
ହେତୁ ପାଇବାରୁ ଦେଖିଛି ଲୋ ବୋଉ
ମହିମା ଧର୍ମେ ଆଶ୍ରିତ
ମହିମା ଅଲେଖ ଷଡ଼ାକ୍ଷର ନାମ
ମୁଖେ ଥାଏ ଅବିରତ ।୩।
ସକାଳେ ସଂଜରେ ଶରଣ ଦର୍ଶନ
କରୁଥାଉ ନିତିଦିନ
ପ୍ରଭୁ ପାଦତଳେ ଜଣାଉଥିଲୁ ତୁ'
ସଂସାରର ଦୁଃଖ ମାନ ।୪।
କେତେ ଝଡ଼ଝଞ୍ଜା ଆସିଛି ଜୀବନେ
ସବୁକୁ ସହିଛୁ ତୁହି
ସଂସାର ଯାତନା କଷ୍ଟ ଦିଏ ସିନା
ମନରେ ପ୍ରଭୁଙ୍କୁ ଧ୍ୟାୟି ।୫।
ପାଞ୍ଚ ଝିଅ ଏକ ପୁତ୍ର ଜନ୍ମ କରି
ପ୍ରଭୁଙ୍କୁ ଦେଇଛୁ ଟେକି
ଦୁଃଖ ସୁଖ ଭାର ବୁଝନ୍ତି ଅଲେଖ
ନିରନ୍ତରେ ଦେଲେ ଡାକି ।୬।
ସତ୍ୟ ଧର୍ମ ନିଷ୍ଠା ପାଳୁଥିଲୁ ତୁହି
ଆମକୁ ଦେଇ ସଂସ୍କାର
ତୋ' ଆଦର୍ଶ ଆମେ ସଭିଏଁ ମାନିଛୁ
ଅଲେଖ ମହିମା ସାର ।୭।
ପିଲାଦିନୁ କେତେ ନୀତିଶିକ୍ଷା ଦେଇ
ଗଢ଼ିଛୁ ଆମ ଜୀବନ
ରାମଲୀଳା ଆଉ କୃଷ୍ଣଲୀଳା କଥା
ଧର୍ମ ଉପଦେଶ ମାନ ।୮।
ସାହି ପଡ଼ିଶାରେ ବୃଥାଳାପ କରି
କରିନୁ ସମୟ ନଷ୍ଟ
ଭଜନ ପୁରାଣ ସାରକଥା କହୁ
ଜୀବନେ ହେବାକୁ ଶିଷ୍ଟ ।୯।
ଶିଖାଉଥିଲୁ ତୁ' ଗୁରୁଜନ ପଦେ
ରଖେ ଭାବଭକ୍ତି ଲୟ
ଆପଣା ମହତ ଆପେ ରଖିଲେ ହିଁ
ପାଇବା ସବୁଠି ସ୍ନେହ ।୧୦।

**ଖୋର୍ଦ୍ଧା**



# ବୋଉ

**ଅକ୍ଷୟ ମହାନ୍ତି (ନିର୍ମାଲ୍ୟ)**

କେଉଁ ଉପାଦାନେ
ଗଢ଼ା ତୁ ବୋଉଲୋ
କେତେ ଯେ ମମତା ତୋର
ପିଲାଟିଏ ପାଇଁ
କେତେ ଧାଉଁ ଥିଲୁ
ଦେବଦେବୀଙ୍କର ଦ୍ୱାର।

କେତେ ପୂଜା ପାଠ
କରି ତୁ ବୋଉଲୋ
ଗରଭେ ଧାରଣ କଲୁ
ନଅମାସ ଯାକ
ଉଦରେ ଧରି ତୁ'
କେତେ ପୀଡ଼ା ପାଇଥିଲୁ।

ତୋହରି ଖାଦ୍ୟରୁ
ରସ ଦେଉଥିଲୁ
ମୋତେ ବଢ଼ାଇବା ପାଇଁ
ବେଳେବେଳେ ତୋର
ପେଟକୁ ଆଉଁଷୁ
ମୋ ସ୍ଥିତି ଜାଣିବା ପାଇଁ।

କେତେ ଯେ ଗୋଇଠା
ମାରିଛି ତୋତେ ମୁଁ
ତୋ ପେଟ ଭିତରେ ରହି
ନଅ ମାସ ପରେ
ଜନ୍ମ ଦେଇଦେଲୁ
କେତେ ଶୂଳ କଷ୍ଟ ପାଇ।

ଜନ୍ମଦେଇ ମୋତେ
ଅଚେତ ହୋଇଲୁ
ଚେତା ପାଇ ଉଣ୍ଡାଳିଲୁ
"ମୋ ପିଲାକୁ ତମେ
କାହିଁ ନେଇଗଲ?
ଡକା ପାରି କାନ୍ଦିଥିଲୁ।

ମୋ କୁଆଁ ଶବଦ
ଶୁଣି ତୁ ବୋଉଲୋ
ଛାତିରେ ଜାକିଲୁ ମୋତେ
ତୋ ଛାତିର ଲହୁ
କ୍ଷୀର କରି ଦେଇ
ପିଆଇଛୁ ତୁହି କେତେ।

ସତେ କହ ବୋଉ
ମୋ ଦରୋଟି କଥା
ଆନନ୍ଦ ଦେଇଛି ତୋତେ?
କୃଷ୍ଣ ବେଶକରି
ସଜେଇ ସାଜେଇ
ଚୁମା ଦେଉଥିଲୁ ମୋତେ।

ମୋ ଟିକି ମୁହଁକୁ
ତୋ ଛାତିରେ ଜାକି
କ୍ଷୀର ହିଁ ପିଆଉ ଥିଲୁ
ଏ କ୍ଷୀର ଦେବାରେ
ସତେ କି ବୋଉଲୋ
ଆନନ୍ଦ ତୁ ପାଉଥିଲୁ?

ଦେହ ହାତେ ମୋର
ତେଲ ଘସି ଦେଇ
ମୋ ଦେହକୁ ଟାଣ କଲୁ
ହାତ ଧରି ମୋତେ
ଚାଲି ଶିଖାଇଲୁ
ଧାଇ ପରି  ସେବା କଲୁ।

ଟିକି ହାତେ ମୋର
ଓଡଣ ଧରେଇ
ଖାତାରେ ଗାରୋଉ ଥିଲୁ
ବ୍ରହ୍ମା ବିଷ୍ଣୁ ଆଉ
ମହେଶ୍ୱର କହି
କେତେ ଶୂନ ଲେଖେଇଲୁ।

ମନେ ପଡିଗଲେ
ସେ ଦିନର କଥା
ଆଖିରୁ ଲୁହ ମୋ ଝରେ
ତୋ' ପାଇଁ ବୋଉ ମୁଁ
କିଛି କରି ନାହିଁ
ଆସିବୁକି ଆଉ ଥରେ????

# ମୋ' ବୋଉ

ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ



ବୋଉ ମୋର ନ'ଥିଲା
ଖାଲି ସ୍ନେହମୟୀ ଜନନୀ,
ଆମ ପାଇଁ ଥିଲା ସେ
ଶିକ୍ଷିକା, ନିର୍ଦ୍ଦେଶିକା ଓ ପ୍ରେରଣାଦାୟିନୀ ।

ବୋଉ ଥିଲା ମୋର
ଭାରି ସଂସ୍କାରି ଓ ଆଚାରି,
ପରମ୍ପରା ପୂଜାବିଧି ସବୁ
ରଖିଥିଲା ମୁଖସ୍ଥ କରି ।

ଦୟା କ୍ଷମା ଅବା ତ୍ୟାଗର
ସେ ଥିଲା ରୁଚିମନ୍ତ ବ୍ୟକ୍ତିତ୍ୱ
ପିଲାଙ୍କ ପାଖରେ ବି ଥିଲା
ସେହି ବିଚାରଧାରାର ଶୋଣିତ ।

ଜୀବନ ତା'ର ଥିଲା
ପର ପାଇଁ ସମର୍ପିତ,
ଖୋଜିନାହିଁ କେବେ ନିଜ ପାଇଁ
ସ୍ୱାର୍ଥ କି ସୁଖସ୍ୱାଚ୍ଛନ୍ଦ୍ୟ,
ବସୁଧୈବ କୁଟୁମ୍ବକଂ
ତା'ର ଥିଲା ଧେୟ ।

ପର ଆପଣା ନ ବିଚାରି
ବାଣ୍ଟୁଥିଲା ବାତ୍ସଲ୍ୟର ସ୍ନେହ,
ତା' ଆଦର୍ଶେ ଗଢା ହୋଇ
ଆମେ ସବୁ ସୁପ୍ରତିଷ୍ଠିତ
ତା' ଅବର୍ତ୍ତମାନରେ ବି
ଆମେ ତା' ସଂସାର ବାହକ ।

ତା'ର କୋଳେ ଜନ୍ମ ନେଇ
ଗର୍ବ ହୁଏ ମୋର
ସ୍ୱର୍ଗେ ଥାଇ ଆଶୀର୍ବାଦ କର
ସ୍ୱାଚ୍ଛନ୍ଦେ ଗଡିଯାଉ ମୋ ସଂସାର ।

ମଧୁସୂଦନ ନଗର,
ଖୋର୍ଦ୍ଧା

# ମୋ' ଶତାୟୁ ବୋଉ

ଜବାହରଲାଲ ସୁବୁଦ୍ଧି



ମୋ' ଶତାୟୁ ବୋଉଲୋ ବୋଉ
ମୋ' ବୋଉ ପରି କିଏ ହେବ?
ମୋ' ଧନ ଖାଇନାହିଁ କିଏ କହିବ,
ସକାଳୁ ଉଠି ବାସି ପଖାଳ ଦେବ?
ପଖାଳ ସହିତ ପୋଡାଆଳୁ ବାଇଗଣ
ବାଡ଼ି ଲଙ୍କା, ଲୁଣ ଚକଟି ଦେବ
ତା'ର ମଜାକି ଟିଫିନ ହେବ? (୧)

ବାପା ବୋଉର ସନମାନ ପାଇଁ
ଗାଁ ଉଚ୍ଚବିଦ୍ୟାଳୟ ଖୋଲିଲୁ ଯାଇ
ବଡତୋଟା -ବେଲପଡା ନାମ ରଖିଲୁ
ମିଳିମିଶି ଏକାଠି ଗଢ଼ି ତୋଳିଲୁ (୨)

ଗରିବ ପିଲାକୁ ଦେବୁ ପାଠ ପଢ଼ାଇ
ଉଚ୍ଚନୀଚ ଭେଦଭାବ ରଖିବୁ ନାହିଁ
ଦୁଃଖୀରଙ୍କୀଙ୍କ ସେବା କରିବୁ ଯାଇ
ସଦା ମନଧ୍ୟାନ ଦେବୁଟି ଯାଇ
ନିଇତି ଭଲ ମନ୍ଦ ପିଲାଙ୍କ କଥା
ଭଲ କଥା ଶୁଣି ମନ ହରଷେ
ସତ କହିବାକୁ ଡ଼ରିବୁ ନାହିଁ
ଠାକୁର ଦେବେଟି ଘଣ୍ଟ ଘୋଡେଇ (୩)

ବୋଉ ମୋର ସଦା ସୁଖରେ ଥାଉ
ଯେଉଁଠି ଅଛି ସେ, ସେଇଠି ଥାଉ
ଏବେ ମୁଁ ଜୀବନ ଶେଷ ପାହାଚ୍ରେ
ବୋଉର ପଣତ ସଦା ମୁଁ ଖୋଜେ (୪)

ବଡତୋଟା,
ଜଟଣୀ, ଖୋର୍ଦ୍ଧା

# ଅଭୁଲା ତିଥିର ନାଆଁ......

**ସୁକାନ୍ତି ମିଶ୍ର**



"ବୋଉ" ରକତର ଅନୁରାଗେ ଲେଖା
ଅଭୁଲା ତିଥିର ନାଆଁ
ବେଦନା ସାଉଁଳା ନିହାଣରେ ଅଙ୍କା
ଦେବୀଟିଏ ସତେ ଆହା !!
ଶ୍ରଦ୍ଧା ସମର୍ପଣ ମହକରେ ସଦା
ମହମହ ବାସୁଥାଇ...
ସେ ତ ମମତାର ମହୁମୁହାଣରେ
ଛଳଛଳ ଏକ ନଈ ...(୦)

ବୋଉ ହାତବଡ଼ା ତୁଛା ଭାତଥାଳି
ଭୋକକୁ ଭୁଲାଏ ବାଟ
ତା' ପଣତ କାନି ମିଠା ପରଶରେ
ବନ୍ଧା ପଡିଯାଏ ଶୀତ
ନିଦ ଆସିଯାଏ କଅଁଳ ପତାରେ
ଧୋ'ରେ ବାଇଆ ଗାଇ.....
ସେ ତ ମମତାର ମହୁମୁହାଣରେ
ଛଳଛଳ ଏକ ନଈ...(୧)

ସକାଳଟି ଭାରି ଅବୁଝା ହୁଅଇ
ବୋଉ ଧରିଦେଲେ କଙ୍କି
ତା' ହାତ ତିଆରି କାଗଜର ନାଆ
ବରଷାକୁ ଆଣେ ଡାକି
ଗହଳ ଅନ୍ଧାରେ ବହଳ ମମତା
ଦିନରାତି ଝୁରୁଥାଇ
ସେ ତ ମମତାର ମହୁ ମୁହାଣରେ
ଛଳଛଳ ଏକ ନଈ.....(୨)

"ସମ୍ପର୍କ", ସାରସ୍ୱତ ନଗର,
ସିଦ୍ଧମହାବୀର, ପୁରୀ

# କରୁଛୁ କେମିତି ମାଆକୁ ମାପ

ଡ. ଚପଳା ପଣ୍ଡା



ମାଆର ଛାତିକୁ ମାପିବାକୁ ହେଲେ
ଟଙ୍କା ସୁନା ନୁହେଁ ଲୋଡ଼ା,
ଦରଦୀ ପଣରେ ହୃଦ ମାପୁଥିଲେ
ମାଆ ଲଗାମର ଘୋଡ଼ା।
ଶିକ୍ଷିତ ପଣରେ ମାଆକୁ ମାପିଲେ
ଗୋଟିଏ କହିଲେ ଦୁଇ,
ଖୁଆଇ ଦିଏ ସେ ଗୁଣ୍ଡା ପରେ ଗୁଣ୍ଡା
ଶୁଣେନି ଛଟକ ଛଇ।
ଜୀବନର ମୂଲ୍ୟ ମାପକ ହିସାବେ
ମୃତ୍ୟୁ ପାଇଁ ବାଟ ଶହେ,
ଜନ୍ମ ପାଇଁ କିନ୍ତୁ ଗୋଟିଏ ସଡ଼କ
ମାଆ ପଦବାଚ୍ୟ ଯିଏ।

ମାଆ ପରା ତୋତେ ଦେଇଛି ଜନମ
ନୁହେଁ ଗୀତା ଭାଗବତ,
ବ୍ରହ୍ମାଣ୍ଡ ବୁଲିଲେ ଖୋଜି ପାଇବୁନି
ମାଆ ପରି ଶୂନ୍ୟ ଛାତ।
ମାତୃ ଦିବସରେ ମାଆକୁ ସ୍ମରଣ
ଏପରି ଭାବନା କିଆଁ,
ସବୁଦିନ ପରା ମାଆ ପାଇଁ ଥୁଆ
ଶୁଣିଲେ ଲାଗୁଚି ଚିଆଁ।
ଯୁକ୍ତି ତର୍କ କଲେ ମାଆ ହାରିଯାଏ
ହାରେ ନାହିଁ ତା'ର ଛୁଆ,
ଡିଣ୍ଡିମକୁ ପିଟି ପ୍ରଚାର ପ୍ରସାର
କରିଥାଏ ପରା ମାଆ।

ବିସ୍ତୃତ ସାଗର ମାପ କରୁଥିଲେ
ମାଆ ଆଖି ଲୁହ ବେଶୀ,
ପ୍ରଶାନ୍ତ ନିଳୀମା ସ୍ୱର୍ଗୀୟ ସୁଷମା
ମାଆ ଓଠୁ ପଡ଼େ ଖସି।
ଯାହାର ରକତ ତୋ' ଦେହେ ବହୁଛି
ତା' ପାଇଁକି ଗୀତ ଗପ,
ଶୁଣି ଶୁଣାଇଲେ ଅଜବ ଲାଗୁଛି
କରୁଛୁ କେମିତି ମାପ।
ଭୁଲ୍ ହୋଇଯିବ ଅଡ଼ା ବୋଡ଼ା ସୋଲା
ଫୁଟ ଇଞ୍ଚ ଦୈର୍ଘ୍ୟ ଧରି,
ବଟକରା ଅବା ପଳା ମାପ ଠାରୁ
ମାଆ ମାପ ଅସୁମାରୀ।

ବି.ଡି.ଏ. କଲୋନୀ
ଖୋର୍ଦ୍ଧା



# ମୋ' ବୋଉ

**ବାସୁଦେବ ସାହୁ**

ନ ଖାଇଥିଲେ ଯେ ଦିଏ ଖୁଆଇ
କାନ୍ଦୁଥିଲେ ଲୁହ ପୋଛି ଦିଅଇ
ବିପଦେଆପଦେ ପାଖରେ ଥାଏ
ଠାକୁରଙ୍କୁ ଶୁଭ ମନାସୁଥାଏ
ସିଏ ପରା ମୋ' ବୋଉ
ଚଲାପଥେ ମୋର ଫୁଟେଇଛି ଫୁଲ
ତା' ପରିକା କିଏ ହୋଇବ ଆଉ।୧।

ଅଝଟିଆ ହେଲେ ଦିଏ ବୁଝାଇ
ଶୋଇଥିଲେ ପିଠି ଥାପୁଡ଼ୁଥାଇ
ତା'ପାଖରୁ ଟିକେ ଦୂରେଇ ଗଲେ
ଭୋକଶୋଷ ସବୁ ସିଏ ତ ଭୁଲେ
ସିଏ ପରା ମୋ' ବୋଉ
ଫେରିବା ବାଟକୁ ଚାହିଁ ବସିଥାଏ
ତା' ପରିକା କିଏ ହୋଇବ ଆଉ।୨।

ବାତ୍ସଲ୍ୟମୟୀ ସେ, କରୁଣାମୟୀ
ସିଏ ଯଶୋମତୀ ମୁଁ କହ୍ନେଇ
ମୋ' ଅଳି-ଅଝଟ ସହେ ଯେ ନିତି
ସିଏ ମୋ' ପୃଥିବୀ ସକଳ ଶକ୍ତି
ସିଏ ପରା ମୋ' ବୋଉ
ସବୁ ଜନମରେ ତା' କୋଳ ମୋ' ଲୋଡ଼ା
ତା' ପରିକା କିଏ ହୋଇବ ଆଉ।୩।

ଖୋର୍ଦ୍ଧା

# ଏମିତି ପୁଅ ମୁଁ

**ନିଶିକାନ୍ତ କହଲସିଂହ**



- : ଏକ : -

ଜହ୍ନକୁ ଦେଖେଇ
ତାରାକୁ ଦେଖେଇ
ଗୀତ, ଗପ କହି
ଖୁଆଇଛୁ କେତେ ମୋତେ,
ବୁଝିନି ମୁଁ ଥରେ
ଏଇ ଜୀବନରେ
ବୁଢ଼ୀ ବୟସରେ
ତୋ' ପେଟର ଭୋକ କେତେ ।।

- : ଦୁଇ : -

ନିଜେ ଦୁଃଖ ସହି
ମୋତେ ସୁଖ ଦେଇ
ସାଉଁଟୁଥିଲୁ ତୁ
ମୋ' ହସରୁ ହୀରା ମୋତି,
ଏବେ ସୁଖେ ଥାଇ
ଏତେ ବଡ଼ ହୋଇ
ମାପି ମୁଁ ପାରିନି
କେତେ ତୋ' ଲୁହର ତାତି ।।

- : ତିନି : -

ଆସିଛି ବତାସ
ଆସିଛି ପବନ
ନିଦକେ ଶୋଇଛି
ତୋ' କୋଳ ଝୁଲଣା ପରେ,
ଭାବି ପାରିନାହିଁ
ଛିଣ୍ଡା ମଶିଣାରେ
କେମିତି ଶୋଉ ତୁ
ନୁଆଣିଆ ଚାଳଘରେ ।।

- : ଚାରି : -

ଭୋକ, ଶୋଷ, ନିଦ-
ଭୁଲି ଜଗିବସୁ
ଯେବେ ମୁଁ ଲୋ ରୋଗ-
ବାଧିକିରେ ଥାଏ ପଡି,
ଏମିତି ପୁଅ ମୁଁ
ଅକାଳେ ସକାଳ
ତୋତେ ଦେଖିବାକୁ
ସମୟ ପାରୁନି କାଢି ।।

ଲୋକିପୁର,
ଗଡ଼ମାଣତୀର, ଖୋର୍ଦ୍ଧା

# ମାଆ ପାଇଁ ଦୁଇଟି ଏକପଦୀ

ତ୍ରିଲୋଚନ ଦାସ



(୧)

ହୃଦୟରୁ ଝରେଇଛୁ
ମମତାର ମନ୍ଦାକିନୀ
ଘୋଡ଼େଇ ରଖିଛୁ ମାଆ,
ତୋ' ପଣତ କାନିରେ......
ତୋ'ର ସେଇ ସ୍ନେହବୋଳା
ଅବୁଝା ସଙ୍ଗୀତ ଯେତେ
ଛୁଇଁଛି ଛାତିକୁ ଆମ
ତନୁ-ମନ-ତନ୍ତ୍ରୀରେ........

(୨)

କ୍ଲାନ୍ତହୀନ ଜୀବନେ ତୋ'
ସବୁବେଳେ ଚାଲୁଥାଉ,
ତମସାର ଛାତିଚିରି
ଅନ୍ତହୀନ ପଥରେ.........
ତୋ' ଓଠର ସ୍ମିତହାସ୍ୟ
ଅମୃତରେ ପରିପୂର୍ଣ୍ଣ
ଆଶିଷର ଛତ୍ର ଆମ
କପାଳର ରେଖାରେ.......

ମୈତ୍ରୀବିହାର, ବଡ଼ଶଙ୍ଖ,
ଶରଧାପୁର, ଖୋର୍ଦ୍ଧା

Ama Kabita ◆ Volume : II ◆ Issue : 2 ◆ February 2023



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ନିଶିକାନ୍ତ କହଲସିଂହ
ସମ୍ପାଦକ



ସମରଜିତ୍ ପଟ୍ଟନାୟକ
ଉପଦେଷ୍ଟା



ବାବାଜୀ ଜେନା
ଉପଦେଷ୍ଟା



ବିଭୂପ୍ରସାଦ ହରିଚନ୍ଦନ
ଉପଦେଷ୍ଟା



ଡ. ରଶ୍ମୀରଞ୍ଜନ ନାଥ
ଉପଦେଷ୍ଟା



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଇ
ସହଯୋଗୀ ସମ୍ପାଦକ